ଧରିତ୍ରୀ
DHARITRI
ଗୁରୁବାର, ୩୦ ସେପ୍ଟେମ୍ବର ୨୦୨୧

## ଶିକ୍ଷା ବିଭାଗ ପୁରାତନ ଛାତ୍ରଙ୍କ ଆଲୁମିନି ମିଟ୍

**ବାଲେଶ୍ୱର ଅଫିସ:** ବାଲେଶ୍ୱର ସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ପୁରାତନ ଛାତ୍ରମାନଙ୍କୁ ନେଇ ଏକ ଆଲୁମିନି ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀ, ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ମୁନେଶ୍ ଚନ୍ଦ୍ର ଅଧିକାରୀ, ବିଭାଗ ମୁଖ୍ୟ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟଙ୍କ ସମେତ ସମସ୍ତ ବିଭାଗର ପ୍ରଫେସର ଓ ଅଧ୍ୟାପକ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୫ ଲକ୍ଷର ଯନ୍ତ୍ରାଂଶ, କାଠ ଜବତ
### ୨ ସ'ମିଲ୍‌ରେ ଚଢ଼ାଉ



ରୁପ୍‌ସା,୨୯।୯(ଡି.ଏନ.ଏ.)- ବାଲେଶ୍ୱର ଜିଲା ବନବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ବେଆଇନ ଭାବେ ଚାଲିଥିବା ଦୁଇଟି ସ'ମିଲ୍ ଉପରେ ଅତର୍କିତ ଚଢ଼ାଉ କରାଯାଇଛି। ବସ୍ତା ଥାନା ଅଧୀନ ପୋଡ଼ାପୋଡ଼ା ଓ ଧପାକନ୍ଦଠାରେ ଦୀର୍ଘ ଦିନ ଧରି ଚାଲିଥିବା ଏହି ଦୁଇ ସ'ମିଲ୍‌ରୁ ୫ ଲକ୍ଷ ଟଙ୍କାର ମୂଲ୍ୟବାନ କାଠ ଓ ଯନ୍ତ୍ରାଂଶ ଜବତ ହୋଇଛି। ସହକାରୀ ବନ ସଂରକ୍ଷକ ଶରତ ଚନ୍ଦ୍ର ବେହେରା, ତପନ କୁମାର ପରିଡ଼ା ଓ ସୁଶାନ୍ତ କୁମାର ଜେନା, ରେଞ୍ଜର ଗଣେଶ ପ୍ରସାଦ ଲେଙ୍କା ଓ ମନୁଅର ଖାଁ, ଫରେଷ୍ଟର ବିବେକାନନ୍ଦ ଜେନା, ଭାଗ୍ୟଶ୍ରୀ ଦ୍ୱିବେଦୀ, ଦେବରାଜ ରାଉତ ଓ ବାଲୁକେଶ୍ୱର ହେମ୍ବ୍ରମ ପ୍ରମୁଖ ସଦଳବଳେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ଦୁଇ ମିଲ୍ ମାଲିକ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ବିଭାଗ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

### ବାଲିଆପାଳରେ ଓଡ୍ରାଫ୍ ଟିମ୍

ଲଙ୍ଗଳେଶ୍ୱର,୨୯।୯(ଡି.ଏନ.ଏ.)- ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ୱେଲମାର୍କ ଲୋ ପ୍ରେସରରେ ପରିଣତ ହୋଇଛି। ଏହା ଅଧିକ ଘନୀଭୂତ ହୋଇ ଉତ୍ତରଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅଧିକ ବର୍ଷା ହେଲେ ବାଲେଶ୍ୱର ଜିଲାର ବୁଢ଼ାବଳଙ୍ଗ, ଜଳକା ଏବଂ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇବା ସହିତ ବନ୍ୟା ସ୍ଥିତି ମଧ୍ୟ ଉପୁଜିପାରେ। ବନ୍ୟା ଆସିଲେ ବାଲିଆପାଳ, ଭୋଗରାଇ, ବସ୍ତା ଏବଂ ଜଳେଶ୍ୱର ବ୍ଲକର ବହୁ ତଳିଆ ଅଞ୍ଚଳ ଜଳମଗ୍ନ ହୋଇପାରେ। ଏଥିପାଇଁ ବାଲେଶ୍ୱର ଜିଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଗତ କିଛି ଦିନ ପୂର୍ବେ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବୃଦ୍ଧି ପାଇ ବାଲିଆପାଳ ବ୍ଲକର ୬ଟି ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଗାଁ ଜଳମଗ୍ନ ହେବା ସହ ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇଥିଲା। ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବାଲିଆପାଳ ବ୍ଲକରେ ୩୩ ଜଣିଆ ଓଡ୍ରାଫ୍ ଟିମ୍ ପହଞ୍ଚିଛନ୍ତି। ସେମାନଙ୍କୁ ୩ ଟିମ୍‌ରେ ବିଭକ୍ତ କରାଯାଇ ବନ୍ୟା ମୁକାବିଲା ଏବଂ ଲୋକଙ୍କୁ ଉଦ୍ଧାର କରାଯିବ ବୋଲି ଓଡ୍ରାଫ୍ ଟିମ୍‌ର ଡେପୁଟି ସୁପରିଟେଣ୍ଡେଣ୍ଟ ଶେଖ ରହିମ ତୁଲା ସୂଚନା ଦେଇଛନ୍ତି।

### ଗୋପାଳପୁର କଲେଜକୁ ବି ପ୍ଲସ୍ ଗ୍ରେଡ୍ ମାନ୍ୟତା

ବାହାନଗା, ୨୯।୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମହାବିଦ୍ୟାଳୟକୁ ନାକ୍ (ନ୍ୟାଶ୍‌ନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଶନ୍ କାଉନସିଲ) ଟିମ୍ ବି ପ୍ଲସ୍ ଗ୍ରେଡ୍ ମାନ୍ୟତା ପ୍ରଦାନ କରିଛନ୍ତି। ବାଙ୍ଗାଲୋରରୁ ଆସିଥିବା ଏହି ନାକ ଟିମ୍‌ଙ୍କ ପରିଦର୍ଶନ ପରେ ସଦସ୍ୟମାନେ ତାଙ୍କର ରିପୋର୍ଟ ନାକ୍ କାର୍ଯ୍ୟାଳୟକୁ ପ୍ରେରଣ କରିଥିଲେ। ଏହି ଗ୍ରେଡ୍ ଆସନ୍ତା ୫ବର୍ଷ ପାଇଁ ବଳବତ୍ତର ରହିବ । ନୂତନ ଅନୁସୂଚୀରେ ଏହି ଯୋଗ୍ୟତା ହାସଲ ହେବା ପଛରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ନରେଶ କୁମାର ପାଢୀ ଓ କର୍ମଚାରୀଙ୍କ ବଳିଷ୍ଠ ଉଦ୍ୟମ ଓ କର୍ମନିଷ୍ଠାକୁ ବର୍ତ୍ତମାନର ଅଧକ୍ଷ ରମାକାନ୍ତ ସାହୁ ପ୍ରଶଂସା କରିଛନ୍ତି। ଏହି ମହାବିଦ୍ୟାଳୟ ନାକ୍ ମାନ୍ୟତାପ୍ରାପ୍ତ ହେବା ପାଇଁ ସୋର ବିଧାୟକ ତଥା ପୂର୍ବତନ ପରିଚାଳନା ସମିତି ସଭାପତି ପର୍ଶୁରାମ ଧଡ଼ା, ପୂର୍ବତନ ପରିଚାଳନା ସମିତିର ସଭ୍ୟାସଭ୍ୟ ଏବଂ ପୁରାତନ ଛାତ୍ରସଂସଦ କର୍ମକର୍ତ୍ତା, ସଭ୍ୟାସଭ୍ୟ, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ପୂର୍ଣ୍ଣ ସହଯୋଗ କରିଥିବାରୁ ମହାବିଦ୍ୟାଳୟ ନାକ୍ ମାନ୍ୟତା ପାଇପାରିଥିବା ସେ କହିଛନ୍ତି।

### ୧୦୦ ଲିଟର ଦେଶୀ ମଦ ଜବତ

ସଜନାଗଡ଼,୨୯।୯(ଡି.ଏନ.ଏ.)- ଚୋରା ମଦ ବେପାରୀଙ୍କୁ ସାବାଡ଼ କରିବା ପାଇଁ ନୀଳଗିରି ଅବକାରୀ ବିଭାଗ ଅତର୍କିତ ଚଢ଼ାଉ କରି ବିପୁଳ ପରିମାଣର ପୋଚ ଓ ମଦ ଜବତ କରିଛି । ନୀଳଗିରି ପୋଲିସ ସହଯୋଗରେ ବାବନ୍ଧ ଜଙ୍ଗଲରେ ୫୫୦୦ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୧୦୦ ଲିଟର ଦେଶୀ ମଦ ଜବତ ହୋଇଛି। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ନୀଳଗିରି ଅବକାରୀ ଅଧିକାରୀ ନାରାୟଣ ବେହେରା, ଓଆଇସି ଜୟନ୍ତୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

# ଆବାସ ହିତାଧିକାରୀ ଚୟନରେ ଅନିୟମିତତା

ବାହାନଗା,୨୯।୯(ଡି.ଏନ.ଏ.)

ଆବାସ ଯୋଜନାରେ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ମଙ୍ଗଳବାର ବାଲେଶ୍ୱର ଜିଲା ବାହାନଗା ବ୍ଲକ ପଣପଣା ପଞ୍ଚାୟତ ସରସତିଆ ଗ୍ରାମର ବାସିନ୍ଦା ବିଡିଓଙ୍କଠାରେ ଅଭିଯୋଗ କରିଛନ୍ତି।

ପଣପଣା ପଞ୍ଚାୟତର ୫୪୭ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯିବା ପାଇଁ ତାଲିକା ପ୍ରସ୍ତୁତ ହୋଇଥିଲା। ମାତ୍ର ସରକାରୀ କର୍ମଚାରୀ ଯାଞ୍ଚ କରିବା ପରେ ୪ଶହ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରିଥିଲେ। ଏହାକୁ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତାଲିକାରେ ଧନୀ ଶ୍ରେଣୀର ହିତାଧିକାରୀଙ୍କ ନାମ ସାମିଲ ଥିବା ବେଳେ ଆବାସ ଯୋଜନାରେ ସାମିଲ ପାଇଁ ସମସ୍ତ ମାନଦଣ୍ଡ ପୂରଣ କରୁଥିବା ଯୋଗ୍ୟ ହିତାଧିକାରୀ ବାଦ୍ ପଡିଥିଲେ। ତେବେ ସରସତୀଆ ଗ୍ରାମରେ ମଧ୍ୟ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ସରସତୀଆ ଗ୍ରାମର ୧୧୩ ଜଣ ହିତାଧିକାରୀ ଆବାସ ଯୋଜନାରେ ସାମିଲ ପାଇଁ ଆବେଦନ କରିଥିଲେ। ମିଳିତ ଯାଞ୍ଚ ଟିମ୍ ୯୨ଜଣ ହିତାଧିକାରୀଙ୍କୁ ଯୋଗ୍ୟ ବିବେଚିତ କରିଥିବା ବେଳେ ୨୧ହିତାଧିକାରୀ ଅଯୋଗ୍ୟ ଭାବେ ତାଲିକାରୁ ବାଦ୍ ପଡିଛନ୍ତି। ଏ ବିଷୟରେ



ବିଡିଓଙ୍କଠାରେ ଅଭିଯୋଗ କରିବାକୁ ଆସିଥିବା ସରସତିଆ ଗ୍ରାମବାସୀ।

### ବିଡିଓଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ଗ୍ରାମର ଅନୀତା ଭୋଇ, ସୁକାନ୍ତୀ ବେହେରା, ସରସ୍ୱତୀ ବେହେରା, ବନ୍ଦନା ମଲ୍ଲିକ, ବୃନ୍ଦାବନ ବେହେରା, ବିନୋଦିନୀ ନାୟକ, ଅନୁଦିନ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ଖିଲାର, ଗଜେନ୍ଦ୍ର ମହାଳିକ, କଳ୍ପନା ବେହେରା, ଭାମାମଣି ବେହେରା ପ୍ରମୁଖ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ତେବେ ଅଭିଯୋଗକୁ ନିରପେକ୍ଷ ଭାବେ ଯାଞ୍ଚ କରି ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ବିଡିଓ ଗୌରାଙ୍ଗ ଚନ୍ଦ୍ର ଘୋଷଙ୍କଠାରେ ଦାବି କରିଛନ୍ତି ଗ୍ରାମବାସୀ। ଦାବିପତ୍ରର ଏକ ନକଲ ୫ଟି ସଚିବ ଓ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ମଧ୍ୟ ଦିଆଯାଇଛି।

# ୯ମ ଥର ପାଇଁ ବାଲେଶ୍ୱର ପ୍ରଥମ

ବାଲେଶ୍ୱର ଅଫିସ,୨୯।୯

### ମୋ ସ୍କୁଲ ଅଭିଯାନ

ବାଲେଶ୍ୱର ଜିଲା 'ମୋ ସ୍କୁଲ ଅଭିଯାନ'ର ସଫଳ ରୂପାୟନ ନିମନ୍ତେ ନିଷ୍ଠାପର ଉଦ୍ୟମ କରି ଅର୍ଥ ସଂଗ୍ରହ କ୍ଷେତ୍ରରେ ସାରା ରାଜ୍ୟରେ କ୍ରମାଗତ ଭାବେ ନବମ ଥର ପାଇଁ ପ୍ରଥମ ସ୍ଥାନ ଅଧିକାର କରିଛି। ଜିଲାର ମୋଟ୍ ୧୨ଟି ବ୍ଲକର ୨୦୫ଟି ବିଦ୍ୟାଳୟରୁ ସର୍ବମୋଟ୍ ୧କୋଟି ୬୧ଲକ୍ଷ ୮୮ହଜାର ୨୭୯ ଟଙ୍କା ସଂଗ୍ରହ କରି ଜିଲା ପୁନର୍ବାର ଅଗ୍ରଣୀ ହୋଇପାରିଛି। ଜିଲା ପ୍ରକଳ୍ପ ଅଧିକାରୀ, ସମଗ୍ର ଶିକ୍ଷା, ବାଲେଶ୍ୱରଙ୍କ ବୈଠକ ଗୃହରେ ଅନୁଷ୍ଠିତ ୨୮ତମ ଜିଲାସ୍ତରୀୟ ବୈଠକରେ ଉପରୋକ୍ତ ଅର୍ଥରାଶି ସଂଗୃହୀତ ହୋଇଥିବା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା ହୋଇଥିଲା। ଗତ ୨୭ ତାରିଖରେ ଭୁବନେଶ୍ୱର 'ମୋ ସ୍କୁଲ ଅଭିଯାନ' ଅଫିସ୍‌ରେ ଆୟୋଜିତ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ୍ (ଇସି) ବୈଠକରେ ପୁଣି ବାଲେଶ୍ୱର ଜିଲା ପ୍ରଥମ ହୋଇଥିବାର ଗଣଶିକ୍ଷା ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ସତ୍ୟବ୍ରତ ସାହୁ ଘୋଷଣା କରିଥିଲେ।

ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୁତାର ସମସ୍ତ ପ୍ରକଳ୍ପଗୁଡ଼ିକୁ ଉପସ୍ଥାପିତ କରିବା ସହ ଆଗାମୀ ଦିନମାନଙ୍କରେ ଏଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଆଶା ବ୍ୟକ୍ତ କରିଥିଲେ। ଉପସ୍ଥାପିତ ସମସ୍ତ ପ୍ରକଳ୍ପଗୁଡ଼ିକ ଇସି ବୈଠକର ସମସ୍ତ ସଦସ୍ୟଙ୍କ ଦ୍ୱାରା ହୋଇଥିଲା। ଜିଲାର ୩ଜଣ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ପ୍ରାଚୀ ତନୟା ଗିରି, ପବିତ୍ର ମୋହନ ବାରିକ, ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣମୋହନ ସିଂହ, ସମସ୍ତ ବିଇଓ, ଏବିଇଓ, ସିଆର୍‌ସିସି, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ମୋ ସ୍କୁଲ ଅଭିଯାନର ଜିଲା ଓ ବ୍ଲକସ୍ତରୀୟ ଟିମ୍ ସଦସ୍ୟ, ସମସ୍ତ ପୁରାତନ ଛାତ୍ର ସଂସଦର ସଦସ୍ୟ ଏବଂ ଅନ୍ୟ ସମସ୍ତ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଯୋଗୁଁ ବାଲେଶ୍ୱର ଏହି ସଫଳତା ପାଇ ଚାଲିଛି ବୋଲି ସମସ୍ତ ଜିଲାସ୍ତରୀୟ କମିଟିର ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ମୋଟ୍ ୬୯ଲକ୍ଷ ୬୨ହଜାର ୮୭୧ଟଙ୍କା ଜମା କରି ଜିଲାସ୍ତରରେ ଭୋଗରାଇ ବ୍ଲକ ପୁଣିଥରେ ପ୍ରଥମ ହୋଇଥିବାରୁ ବ୍ଲକ ସଦସ୍ୟମାନଙ୍କୁ ଅଭିନନ୍ଦନ ଓ ପ୍ରଶଂସା କରାଯାଇଛି।

# ଜନ୍ମପୀଠରେ କବିବରଙ୍କ ଜୟନ୍ତୀ

ସୋର,୨୯।୯(ଡି.ଏନ.ଏ)

ବାଲେଶ୍ୱର ଜିଲା ସୋର କେଦାରପୁର ଗ୍ରାମସ୍ଥିତ କବିବର ରାଧାନାଥଙ୍କ ଜନ୍ମପୀଠରେ ତାଙ୍କର ୧୭୩ତମ ଜନ୍ମ ଜୟନ୍ତୀ ରାଧାନାଥ ସ୍ମୃତି ସଂସଦ ଓ ସାହିତ୍ୟ ଏକାଡେମୀର ମିଳିତ ପାଳିତ ହୋଇଯାଇଛି। ସଂସଦର ସଭାପତି ଲକ୍ଷ୍ମୀନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ କାଳଜୟୀ କାବ୍ୟ ସ୍ରଷ୍ଟା କବିବର ରାଧାନାଥଙ୍କ ସାରସ୍ୱତ ସାଧନା ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ରମାକାନ୍ତ ବେହେରା, ଅନ୍ୟତମ ଅତିଥିଶରତ ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପ୍ରମାଣିକ, ସାହିତ୍ୟ ଏକାଡେମୀର ସଦସ୍ୟ ଭରତ ଚନ୍ଦ୍ର ଦାଶ, ବିପିନ ବିହାରୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। ପ୍ରଭାତ ପାକଳ, ଗୌରାଙ୍ଗ ମହାପାତ୍ର, ଶଶିକାନ୍ତ ବେହେରା, ଆଲୋକ ରାୟ, କାର୍ତ୍ତିକ ଚନ୍ଦ୍ର ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ଜୟନ୍ତୀ ପାଳନ



କବିବରଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଅଫିସ,୨୯।୯- ବାଲେଶ୍ୱର ଶାନ୍ତିକାନନ ପରିସରରେ ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ କବିବର ରାଧାନାଥଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ତଥା ପରିଷଦର ପ୍ରାକ୍ତନ ସଭାପତି ଡ. ହରିଶ୍ଚନ୍ଦ୍ର ବେହେରା, ଅନ୍ୟତମ ବକ୍ତା ଫକୀରମୋହନ କଲେଜର ଅଧ୍ୟାପକ ଡ.ସନ୍ତୋଷ କୁମାର ନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିବାରଣ ଜେନା, ପ୍ରଦୀପ ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା,ଅରୁଣା ରାୟ, ବିଦ୍ୟାଧର ସାହୁ, କଲ୍ୟାଣୀ ନନ୍ଦ, ସାରଙ୍ଗଧର ତ୍ରିପାଠୀ, ଶ୍ରୀରୂପା ମଞ୍ଜରୀ ସେନ, ଦେବାଶିଷ ସିଂ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଜୟନ୍ତ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କଳମା ପଞ୍ଚାୟତ କାର୍ଯ୍ୟାଳୟରେ ଭିଜିଲାନ୍ସ

ଜଳେଶ୍ୱର,୨୯।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ କଳମା ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ସମ୍ପର୍କରେ ଅଭିଯୋଗ ହୋଇଥିଲା। ନଳକୂଅ ନ ବସାଇ ୨ଲକ୍ଷ ଓ ରାସ୍ତା ତିଆରି ଏବଂ ପୋଖରୀ ନ ଖୋଳି ୧୦ଲକ୍ଷ ଟଙ୍କା ଉଠାଇ ନିଆଯିବା ସହିତ ପ୍ରାୟ ୩୫ଲକ୍ଷ ଟଙ୍କା ବେନିୟମଭାବେ ଖର୍ଚ୍ଚ ହୋଇଥିବା ଅଭିଯୋଗରେ ଦର୍ଶା ଯାଇଥିଲା। ଏହାର ତଦନ୍ତ ଲାଗି କିଛିଦିନ ପୂର୍ବେ ଭିଜିଲାନ୍ସ ଟିମ୍ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି କାର୍ଯ୍ୟାଳୟ ଖୋଲା ନ ଥିବାରୁ ବିଡିଓ ଦିପ୍ତିରଞ୍ଜନ ସେଠୀଙ୍କୁ ସୂଚନା ଦେଇ ଫେରିଯାଇଥିଲେ। ବୁଧବାର ଭିଜିଲାନ୍ସ ଡିଏସ୍‌ପି ସିକନ୍ଦର ହେମ୍ବ୍ରମଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ପ୍ରାୟ ୪ଘଣ୍ଟା ଧରି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ପଞ୍ଚାୟତର ୨ଟି ବ୍ୟାଙ୍କ ଖାତା ଓ ୩ଟି ହିସାବ ଖାତାକୁ ପିଇଓଙ୍କ ନିକଟରୁ ଜବତ କରି ଅଧିକ ଯାଞ୍ଚଲାଗି ବାଲେଶ୍ୱର ନେଇଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପୂର୍ବରୁ ଏ ସମ୍ପର୍କରେ କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ହେମନ୍ତ ଗିରି, ବ୍ଲକ ସଭାପତି ରାଜୀବ ପରିଡ଼ା, କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ଶ୍ରୀକାନ୍ତ ସିଂ, ସୁରେଶ ମହାନ୍ତ, ଦୀପକ ପାତ୍ର, ଆଶୁତୋଷ କାସ୍ତ, ରାଜୀବ ପ୍ରଧାନ ପ୍ରମୁଖ ଜିଲାପାଳ ଓ ଭିଜିଲାନ୍ସ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ସରିଲା ସର୍ବେଶ୍ୱର ପାଣି ପଞ୍ଚାୟତ ନିର୍ବାଚନ



ନିର୍ବାଚନ ପରିଚାଳନା ଅଧିକାରୀଙ୍କ ସହ ପାଣିପଞ୍ଚାୟତର ନିର୍ବାଚିତ କର୍ମକର୍ତ୍ତା।

ଖଇରା୨୯।୯(ଡି.ଏନ.ଏ)

### ଚକ୍ରଧର ସଭାପତି, ସଦାଶିବ ସମ୍ପାଦକ

ବିଦ୍ୟାଧରପୁର କେନାଲ ଡିଭିଜନ ଖଇରା ସବଡିଭିଜନର କଲ୍ୟାଣୀ ଡିଷ୍ଟ୍ରିବ୍ୟୁଟାରୀ ଅନ୍ତର୍ଗତ ସର୍ବେଶ୍ୱର ପାଣି ପଞ୍ଚାୟତର ନିର୍ବାଚନ ଫଳାଫଳ ବୁଧବାର ଘୋଷଣା କରାଯାଇଛି। ଚକ୍ରଧର ନାୟକ ସଭାପତି, ସଦାଶିବ ମିଶ୍ର ସମ୍ପାଦକ ଏବଂ ମନୋରମା ସାହୁ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ଏହା ବ୍ୟତୀତ ବୁଦ୍ଧଦେବ ବେହେରା, ରବୀନ୍ଦ୍ର କୁମାର ରାଉତ, ବିଜୟ କୁମାର ବେହେରା, କମଳାକାନ୍ତ ଜେନା, ନିଳିମା ପ୍ରିୟଦର୍ଶନୀ ସ୍ୱାଇଁ, ଗୟାଧର ପୁହାଣ, ଜୟନ୍ତୀ ଦାସ, ଗଜେନ୍ଦ୍ର ପ୍ରସାଦ ମହାନ୍ତି, ଗୋଦାବରୀ ପରିଡ଼ା, ସରସ୍ୱତୀ ଶତପଥୀଙ୍କ ସମେତ ୨୦ଜଣ କାର୍ଯ୍ୟନିର୍ବାହୀ ସଦସ୍ୟମାନେ ବିଜୟୀ ହୋଇଛନ୍ତି। ସହକାରୀ ଯନ୍ତ୍ରୀ ରାଜେଶ କୁମାର ରଥ ତଥା ଇଂ. ଯୁଧିଷ୍ଠିର ସାହୁ ନିର୍ବାଚନ ପରିଚାଳନା କରିଥିଲେ । ବିଦ୍ୟାଧରପୁର ଏବଂ ଭୁବନେଶ୍ୱର ଜଳସେଚନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# 'ବାଲେଶ୍ୱରକୁ ରାଜସ୍ୱ ଡିଭିଜନ କରାଯାଉ'

ବାଲେଶ୍ୱର ଅଫିସ,୨୯।୯



କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ।

### ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ ନବଜ୍ୟୋତି

ବାଲେଶ୍ୱରର ଭୌଗୋଳିକ ସ୍ଥିତି ଓ ଦୂରତାକୁ ଦୃଷ୍ଟିରେ ରଖି ସର୍ବସାଧାରଣଙ୍କ ନିକଟରେ ପ୍ରଶାସନିକ ସୁବିଧା ପହଞ୍ଚାଇବା ପାଇଁ ବାଲେଶ୍ୱରକୁ ଏକ ରାଜସ୍ୱ ଡିଭିଜନରେ ପରିଣତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ ଲାଗି କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ପତ୍ର ଲେଖିଛନ୍ତି। ଏଥିସହିତ ଉକ୍ତ ପତ୍ରର ନକଲ ସେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ନିକଟକୁ ମଧ୍ୟ ପଠାଇଛନ୍ତି। ନବଜ୍ୟୋତି ଲେଖିଛନ୍ତି ଯେ, ବାଲେଶ୍ୱରକୁ ରାଜସ୍ୱ ଡିଭିଜନରେ ପରିଣତ କରିବାକୁ ଉତ୍ତରଓଡ଼ିଶା ଜନସାଧାରଣଙ୍କ ପକ୍ଷରୁ ହେଉଥିବା ଦାବି ଯଥାର୍ଥ ଏବଂ ନ୍ୟାୟସଙ୍ଗତ।

ରାଜ୍ୟ ସରକାର ସାଧାରଣ ଓ ରାଜସ୍ୱ ପ୍ରଶାସନିକ କାର୍ଯ୍ୟ ସୁରୁଖୁରୁରେ ଓ ସଫଳତାର ସହିତ ପରିଚାଳନା କରିବାକୁ ତିନିଟି ରାଜସ୍ୱ ଡିଭିଜନ ଗଠନ କରିଛନ୍ତି। ଯେଉଁଥିରେ ପ୍ରତି ୧୦ଟି ଜିଲାକୁ ଗୋଟିଏ ଡିଭିଜନ ଅଧୀନରେ ରଖାଯାଇଛି। କେନ୍ଦୁଝର ଜିଲାକୁ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନରେ ରଖାଯାଇଛି। ତେବେ କେନ୍ଦୁଝରରୁ ଏହି ରାଜସ୍ୱ ଡିଭିଜନର ମୁଖ୍ୟ ଦପ୍ତର ସମ୍ବଲପୁର ୨୦୦ କି.ମି ଦୂରରେ ଅବସ୍ଥିତ। ଏହା କେନ୍ଦୁଝର ଅଧିବାସୀଙ୍କ ପାଇଁ ସେମାନଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଭଳି ପ୍ରସଙ୍ଗ ଗୁଡ଼ିକର ସମାଧାନ ଦିଗରେ ଅନେକ ଜଟିଳ ପରିସ୍ଥିତି ସୃଷ୍ଟି କରୁଛି। ସଫଳ ଆଞ୍ଚଳିକ ପ୍ରତିନିଧିତ୍ୱ ବ୍ୟବସ୍ଥା କରାଯିବା ସମୟରେ ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ମୟୂରଭଞ୍ଜ ଏବଂ ଯାଜପୁର ଆଦି ଜିଲା ବାଦ୍ ପଡ଼ିଥିବା ଭଳି ମନେ ହେଉଛି। ସେଥିପାଇଁ ଏହି ଜିଲାଗୁଡ଼ିକୁ ସାମିଲ କରି ବାଲେଶ୍ୱରରେ ଏକ ରାଜସ୍ୱ ଡିଭିଜନ ସ୍ଥାପନ ଏକାନ୍ତ ଆବଶ୍ୟକ ରହିଛି। ବାଲେଶ୍ୱର ଉତ୍ତରଓଡ଼ିଶାର ସର୍ବବୃହତ ସହର ଏବଂ ଏଠାରେ ଓଡ଼ିଶା ତଥା ଭାରତ ସରକାରଙ୍କର ବହୁ ବିଭାଗର ଡିଭିଜନାଲ ମୁଖ୍ୟ କାର୍ଯ୍ୟାଳୟ ରହିଛି। ବାଲେଶ୍ୱର ମଧ୍ୟ ଅତି ଉତ୍ତମ ଭାବରେ ସଂଯୁକ୍ତ ଏବଂ ଏହିସବୁ ଜିଲାଗୁଡିକର ଅଧିବାସୀଙ୍କ ପାଇଁ ସହଜରେ ପହଁଞ୍ଚି ହେବା ଭଳି ସ୍ଥାନ। ଏଠାରେ ରାଜସ୍ୱ ଅଦାଲତଗୁଡ଼ିକ ନିକଟରେ ରହିଥିବାରୁ ଭୂସଂସ୍କାର ଏବଂ ଜମି ମାଲିକାନା ସମ୍ପର୍କିତ ଆଇନଗତ ବିବାଦଗୁଡ଼ିକର ମଧ୍ୟ ସହଜରେ ସମାଧାନ କରାଯାଇପାରିବ ବୋଲି ନବଜ୍ୟୋତି ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଉତ୍ତରଓଡ଼ିଶାର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ନବଜ୍ୟୋତି ।

# ଅଧିକ ନମ୍ବର ରଖି ଟପ୍ପର ଲିଷ୍ଟରୁ ବାଦ୍ ପଡ଼ିଲେ ଛାତ୍ରୀ

ବାଲେଶ୍ୱର ଅଫିସ,୨୯।୯

ବାଲେଶ୍ୱର ଫକୀରମୋହନ ଅଟୋନୋମସ୍ କଲେଜର ଯୁକ୍ତ ୩ ଇଂଲିଶ୍ ଅନର୍ସ ଛାତ୍ରୀ ଜସ୍ମିନ୍ ରାଉତ ଫାଇନାଲ୍ ପରୀକ୍ଷାରେ ମୋଟ୍ ୮୦.୬୮% ମାର୍କ ରଖିଥିବା ବେଳେ କେବଳ ଅନର୍ସ ପେପରରେ ୭୮.୫୭% ମାର୍କ ରଖିଛନ୍ତି। ଯାହା ଫକୀରମୋହନ ଅଟୋନୋମୋସ୍ କଲେଜର ସର୍ବାଧିକ ନମ୍ବର ଅଟେ। କିନ୍ତୁ ଦ୍ୱିତୀୟ ସେମିଷ୍ଟରରେ ଅନର୍ସ ପେପର ଏବଂ ଗୋଟିଏ ପାସ୍ ପେପର ପରୀକ୍ଷା ଗତ ୨୦୧୯ ଅପ୍ରେଲ ୨୨ ତାରିଖରେ ଦେଇପାରି ନ ଥିଲେ। କାରଣ ଉକ୍ତ ଦିନ ତାଙ୍କ ବାପା ମାନସ ରାଉତଙ୍କ ହାର୍ଟ ଅପରେସନ୍ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ହୋଇଥିଲା। ଫଳରେ ସେ ସର୍ବାଧିକ ନମ୍ବର ରଖିଥିଲେ ମଧ୍ୟ ଟପ୍ପର୍ ଲିଷ୍ଟରୁ ବାଦ୍ ପଡ଼ିଛନ୍ତି। ଏ ସମ୍ପର୍କରେ ସେ କଲେଜର ଅଧକ୍ଷା ଏବଂ ପରୀକ୍ଷା କଣ୍ଟ୍ରୋଲରଙ୍କୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ସରକାରଙ୍କ ମେଧା ଚୟନ ନିୟମ ଅନୁସାରେ ବ୍ୟାକ୍ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରମାନଙ୍କୁ ଟପ୍ପର ଲିଷ୍ଟରେ ସାମିଲ୍ କରା ନ ଯିବା ନିୟମ ରହିଛି ବୋଲି କଲେଜ କର୍ତ୍ତୃପକ୍ଷ ତାଙ୍କୁ କହିଥିଲେ। ଏନେଇ କଲେଜ ଅଧକ୍ଷା ପ୍ରଫେସର ଗୀତାଞ୍ଜଳି ସାହୁ କହନ୍ତି, ଜସ୍ମିନ୍‌ଙ୍କର ବ୍ୟାକ୍ ଲାଗିଥିବା କାରଣରୁ ସରକାରଙ୍କ ନିୟମ ଅନୁସାରେ ମେଧା ଚୟନ ପ୍ରକ୍ରିୟାରେ ତାଙ୍କୁ ସାମିଲ୍ କରାଯାଇ ନାହିଁ ।

# ରାସ୍ତା ମରାମତି ନ ହେଲେ ଆନ୍ଦୋଳନ

ବାଲେଶ୍ୱର ଅଫିସ,୨୯।୯

ବାଲେଶ୍ୱର ସହର ଟାଉନ ହଲ ଛକଠାରୁ ମଣ୍ଡଳ ବଜାର ଜଗନ୍ନାଥ ମନ୍ଦିର ଛକ ରାସ୍ତା ଭାୟା ସୁଏଲପୁର ରାସ୍ତା ଦୀର୍ଘଦିନ ହେଲାକ ଅତି କଦର୍ଯ୍ୟ ହୋଇ ପଡ଼ି ରହିଛି। ପୌରାଞ୍ଚଳ ପ୍ରଶାସନ ସବୁ ଦେଖି ନ ଦେଖିଲା ପରି ଶୋଇ ରହିଛି। ଏହି ପରିପ୍ରେକ୍ଷୀରେ ସୁଏଲପୁର, ବାରବାଟୀ, ଦାମଦୋରପୁର ଏବଂ ମାଣିଖମ୍ବର ଗ୍ରାମବାସୀ ପ୍ରତିଦିନ ଯାତାୟତ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏନେଇ ଉକ୍ତ ଅଞ୍ଚଳବାସୀଙ୍କ ସମେତ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପ ସଭାପତି ମାନସ କୁମାର ଦତ୍ତ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉପ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୭ ଦିନ ମଧ୍ୟରେ ରାସ୍ତାର ମରାମତି କରା ନ ଗଲେ ଆସନ୍ତା ଦିନରେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସୁଜିତ ଦେବ, ଗୌରାଙ୍ଗ ଦାସ, ରବିନାରାୟଣ ମହାପାତ୍ର, ଲୋକନାଥ ଭୂୟାଁ, ସୀତାକାନ୍ତ ସ୍ୱାଇଁ, ପର୍ଶୁରାମ ବେହେରା, ବିଜୟ ପାଣିଗ୍ରାହୀ, ଅଶୋକ ଦାସ, ସୁଶାନ୍ତ ବର୍ଦ୍ଧନ, ପଦ୍ମଲୋଚନ ବାରିକ, କମଳ ଲୋଚନ ବେହେରା, ଆଶାଲତା ବାଡ଼ି, ଗୌତମ କିଶୋର ଦେ, ପ୍ରଫୁଲ୍ଲ ରାମ, ସନ୍ତୋଷ ଦେ, ନନ୍ଦ ଗୋପାଳ ଆଢ଼୍ୟ, ସନ୍ଦୀପ କୁମାର ବାରିକ, ଦେବଦତ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ସୁଏଲପୁର ରାସ୍ତାର ଦୁରବସ୍ଥା।

# ଜାଲ୍ ସାର୍ଟିଫିକେଟରେ ଆଶାକର୍ମୀ ନିଯୁକ୍ତି

ଜଳେଶ୍ୱର,୨୯।୯(ଡି.ଏନ.ଏ)

ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟିର ୫ ଓ ୧୩ନଂ. ୱାର୍ଡ ଲାଗି ଉଦ୍ଦିଷ୍ଟ ଆଶାକର୍ମୀ ଚୟନରେ ଚଞ୍ଚକତା କରାଯାଇଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଚୟନ ହୋଇଥିବା ପ୍ରାର୍ଥୀ ଜାଲ ସାର୍ଟିଫିକେଟ୍ ଦେଇ ନିଯୁକ୍ତି ପାଇଥବାରୁ ତାହା ଯାଞ୍ଚ କରିବାକୁ ଜିକେଭଟ୍ଟର ହସ୍‌ପିଟାଲର କର୍ତ୍ତୃପକ୍ଷଙ୍କ ନିକଟରେ ଗ୍ରାମବାସୀ ଲିଖିତ ଦାବି ଜଣାଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନନ୍ଦିକା ଓ ପଥରପୁରା ଲାଗି ଆଶା କର୍ମୀ ନିଯୁକ୍ତି ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ମୋଟ ୧୬ଜଣ ଆବେଦନ କରିଥିଲେ। ସେପ୍ଟେମ୍ବର ୨୭ରେ ଏକ ଜନୈକା ମହିଳାଙ୍କୁ ନିଯୁକ୍ତ କରାଯାଇଥିଲା। ମାତ୍ର ଉକ୍ତ ମହିଳା ଜଣକଙ୍କ ଭୋଟର ଲିଷ୍ଟରେ ନାମ ନ ଥିବା ବେଳେ ତାଙ୍କର ସାର୍ଟିଫିକେଟ ଜାଲ ବୋଲି ଗ୍ରାମବାସୀ ଅଭିଯୋଗ କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

# ଜମି ପଟ୍ଟା ବଣ୍ଟନକୁ ଗ୍ରାମବାସୀଙ୍କ ବିରୋଧ



ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା ତୋଟାପଟା ଗ୍ରାମବାସୀ।

ଜଳେଶ୍ୱର,୨୯।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନ ଖୁଦିଆ ମାଝିସାହି ପଞ୍ଚାୟତର ତୋଟାପଟା ଗ୍ରାମରେ ଥିବା ପତିତ କିସମ ଜାଗାକୁ ତହସିଲ ପକ୍ଷରୁ ଭୂମିହୀନଙ୍କୁ ପଟ୍ଟା ଦିଆଯାଇଥିବାରୁ ଏହାକୁ ଗ୍ରାମବାସୀ ବିରୋଧ କରଛନ୍ତି। ଏ ସମ୍ପର୍କରେ ମଙ୍ଗଳବାର ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ, ଗ୍ରାମର ହାଲ ଖାତା ନଂ.୨୯୬ ଓ ପ୍ଲଟ ନଂ.୩୪୫ରେ ଗ୍ରାମବାସୀମାନେ ୭୦ବର୍ଷ ଧରି ବିଭିନ୍ନ ବୃକ୍ଷରୋପଣ କରି ଏହାର ରକ୍ଷଣାବେକ୍ଷଣ କରି ଆସୁଛନ୍ତି। ମାତ୍ର ନିକଟରେ ଭୂମିହୀନଙ୍କୁ ଥଇଥାନ କରିବା ଲାଗି ସେଠାରେ ଜମିପଟ୍ଟା ଯୋଗାଇ ଦିଆଯାଇଥିବାରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଭୂମିହୀନଙ୍କ ମଧ୍ୟରେ କେତେକ ପଶ୍ଚିମବଙ୍ଗ ଅଧିବାସୀ ଥିବାରୁ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନା ରହିଛି। ଭବିଷ୍ୟତରେ ରକ୍ତପାତକୁ ଏଠାଇବାନେଇ ଗ୍ରାମ୍ୟକମିଟି ନିଷ୍ପତ୍ତି କ୍ରମେ ଗ୍ରାମର ସଞ୍ଜୀବ କୁମାର ଘୋଷ, ଗୌରଚନ୍ଦ୍ର ସାହୁ, ବଳରାମ ଘୋଷ, ବିଶ୍ୱମ୍ବର ପାଳ, ଏକାଦଶୀ ପାଳ, ପ୍ରତାପ ଚନ୍ଦ୍ର ସାହୁ, ବିଜୟ ପ୍ରମାଣିକ ପ୍ରମୁଖ ତାହସିଲଦାର ସ୍ମୃତି ରଞ୍ଜନ ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଘରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ବାସୁଦେବପୁର,(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ସହର ସ୍ଥିତ ବାଲି କଲୋନୀର ଏକ ଘରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଆଜବେଷ୍ଟସ ଭାଙ୍ଗି ଘର ଭିତରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରିନେଇ ଯାଇଛନ୍ତି। ଉକ୍ତ ଘରେ ରହୁଥିବା ମହିଳା ବନିରାଣୀ ଜେନା ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ଘରେ ନ ଥିବା ବେଳେ ରାତିରେ ଚୋରି ହୋଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

**ସଂକ୍ଷେପରେ**

## ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଜେଏମ୍ଏମ୍‌ର ଆମରଣ ଅନଶନ

ବିଶୋଇ, ୨୯।୯ (ଡି.ଏନ.ଏ.) : ଦୀର୍ଘ ଦିନରୁ ଡାକ୍ତର ନ ଥିବା ବିଶୋଇ ପ୍ରାଥମିକ ସାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ନିମନ୍ତେ ଜେଏମ୍ଏମ୍ ପକ୍ଷରୁ ଗତ ୨୩ ତାରିଖରେ ଏକ ଦାବିପତ୍ର ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଦାବି ପ୍ରଦାନର ୬ ଦିନ ବିତିଯାଇଥିଲେ ସୁଦ୍ଧା ନିଯୁକ୍ତି ପାଇଁ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଇନାହାଁନ୍ତି। ସେଥିପାଇଁ ମଙ୍ଗଳବାରଠାରୁ ଜେଏମ୍ଏମ୍ ପକ୍ଷରୁ ଆମରଣ ଅନଶନ ଆରମ୍ଭ କରାଯାଇଛି। ବିଶୋଇ ବ୍ଲକ ଜେଏମ୍ଏମ୍ ସଭାପତି ମଧୁସୂଦନ ସାହୁଙ୍କ ସମେତ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ରାମଚନ୍ଦ୍ର ହେମ୍ବ୍ରମ, ଜିଲା କମିଟି ସଦସ୍ୟ ମଙ୍ଗଳ ମୁର୍ମୁ, ପଞ୍ଚାନନ ମୁର୍ମୁ, ଶ୍ୟାମ ସୁନ୍ଦର ହାଁସଦା ପ୍ରମୁଖ ୫ ଜଣିଆ କର୍ମୀ ନେତୃମଣ୍ଡଳରେ ଏହି ଆମରଣ ଅନଶନର ମଙ୍ଗ ଧରିଛନ୍ତି। ଏହି ଅନଶନରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେବା ଯାଏ ଅନଶନ ଜାରି ରହିବ ବୋଲି ଜେଏମ୍ଏମ୍ ରାଜ୍ୟ ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି।

## ପୋଖରୀରୁ ମିଳିଲା ଅଚିହ୍ନା ମହିଳାଙ୍କ ମୃତଦେହ

ଭଦ୍ରକ ଅଫିସ, ୨୯।୯-ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ତଲାଙ୍ଗ ଦକ୍ଷିଣସାହି ଗ୍ରାମର ଏକ ପୋଖରୀରୁ ବୁଧବାର ଜଣେ ଅଚିହ୍ନା ମହିଳାଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ଉକ୍ତ ମହିଳାଙ୍କୁ କେହି ବାହାରେ ହତ୍ୟା କରି ମୃତଦେହ ପୋଖରୀରେ ପକାଇ ଦେଇଥିବା ସନ୍ଦେହ କରାଯାଉଛି।

ପ୍ରକାଶ ଯେ, ପୋଖରୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଗ୍ରାମାଞ୍ଚଳ ପୋଲିସ ପହଞ୍ଚିବା ପରେ ଅଗ୍ନିଶମ ବାହିନୀ ସହାୟତାରେ ପୋଖରୀରୁ ମୃତଦେହ ବାହାର କରାଯାଇଥିଲା। ମହିଳାଙ୍କ ପରିଚୟ ମିଳିପାରି ନାହିଁ। ମୃତ ମହିଳା ଜଣଙ୍କ କିଏ ଓ ତାଙ୍କ ମୃତ୍ୟୁ କେମିତି ହେଲା, ଗାଁ ଭିତରେ ଥିବା ପୋଖରୀ ମଧକୁ ମୃତଦେହ କିପରି ଆସିଲା। ତାହା ଏବେ ସନ୍ଦେହଘେରରେ ରହିଛି। କେହି ଦୁର୍ବୃତ୍ତ ମହିଳାଙ୍କୁ ମାରି ପୋଖରୀକୁ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଆଲୋକ ଜେନା କହିଛନ୍ତି।

## ବସ୍ ଧକ୍କାରେ ବାଇକ୍‌ଆରୋହୀ ମୃତ: ଡ୍ରାଇଭର୍ ଗିରଫ

ଠାକୁରମୁଣ୍ଡା, ୨୯।୯(ଡି.ଏନ.ଏ.) : ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା ଅଞ୍ଚଳରେ ଏକ ବସ ଦୁର୍ଘଟଣାରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କରଞ୍ଜିଆ ଏନ୍ଏସି ଅନ୍ତର୍ଗତ ମୋଚି ସାହିର ରବୀନ୍ଦ୍ର କୁମାର ଜାରିକା। ଏନେଇ ପୋଲିସ ଏକ ମାମଲା (ନଂ.୨୨୮/୨) ରୁଜୁ କରି ଉକ୍ତ ବସ୍ ଡ୍ରାଇଭର ସଞ୍ଜୟ କୁଣ୍ଡୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ଏକ ବସ୍ ଅପରାହ୍ନରେ କଟକରୁ କରଞ୍ଜିଆ ଅଭିମୁଖେ ଆସୁଥିଲା। ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ପାଟବିଲ ଛକ ନିକଟରେ ସନ୍ଧ୍ୟାରେ ବସ୍ ଉକ୍ତ ଯୁବକଙ୍କୁ ଧକ୍କା ଦେଇଥିଲା। କରଞ୍ଜିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

# ମନ ମୋହୁଛି ମେଘମାଳ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର,୨୯।୯

- ସୌନ୍ଦର୍ଯ୍ୟରେ ଭରପୂର କାଞ୍ଜିପାଣି ଘାଟି
- ୱାଚ୍ ଟାୱାର ନିର୍ମାଣ ଦାବି

ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ। କବିବର ରାଧାନାଥ ରାୟଙ୍କ ଏହି ମର୍ମସ୍ପର୍ଶୀ କବିତା କେନ୍ଦୁଝର ଜିଲାର ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ କାଞ୍ଜିପାଣି ଘାଟିକୁ ଦେଖିଲେ ସତ୍ୟତା ପରଖି ହୁଏ। ଜିଲାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଏହି ଘାଟିର ମନୋରମ ଦୃଶ୍ୟ ପର୍ଯ୍ୟଟକ ତଥା ସାଧାରଣ ଲୋକଙ୍କୁ ବେଶ ଆକୃଷ୍ଟ କରିଥାଏ।

ବିଶେଷ କରି ବର୍ଷା ଦିନରେ କୁହୁଡ଼ିଆ ପରିବେଶ ସାଙ୍ଗକୁ ସବୁଜ ପାହାଡ଼ ଦେହରେ ଭାସମାନ ବାଦଲର ଅପୂର୍ବ ଦୃଶ୍ୟକୁ ଉପଭୋଗ କରିବାକୁ କିଛିକ୍ଷଣ ପର୍ଯ୍ୟଟକ ଅଟକି ଯାଇଥାନ୍ତି। ଭାସମାନ ବାଦଲର ସ୍ପର୍ଶକୁ ଅନୁଭବ କରି ପର୍ଯ୍ୟଟକ ଆନନ୍ଦ ନେଇଥାନ୍ତି। ବର୍ଷା ହେଲେ ଏହାର ସୌନ୍ଦର୍ଯ୍ୟତା ଦ୍ୱିଗୁଣିତ ହୋଇଥାଏ। ସେହିପରି ଛୋଟ ଛୋଟ ଝରଣାର ପାଣି ସମସ୍ତଙ୍କୁ ବିମୋହିତ କରିଥାଏ। ତେବେ ଏହି ଘାଟିର ମନୋରମ ଦୃଶ୍ୟ ଉପଭୋଗ



କାଞ୍ଜିପାଣି ଘାଟି।

କରିବା ପାଇଁ ବିଶେଷ ବ୍ୟବସ୍ଥା କରାଗଲେ ପର୍ଯ୍ୟଟକ ଅଧିକ ଆକୃଷ୍ଟ ହୁଅନ୍ତେ ବୋଲି ଶିଶୁ ସାହିତ୍ୟିକ କରୁଣାକର ବାରିକ କୁହନ୍ତି। ମନୋରମ ଦୃଶ୍ୟ ଉପଭୋଗ ଲାଗି ପର୍ଯ୍ୟଟକଙ୍କ ବସିବା ଲାଗି ୱାଚ ଟାୱାର ଆଦି ବିଶେଷ ସୁବିଧା କରାଗଲେ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସିପାରିବେ ବୋଲି ମତ ପ୍ରକାଶ ପାଇଛି।

କାଞ୍ଜିପାଣି ଘାଟିରେ କାଞ୍ଜିପାଣିରୁ ଜଗମୋହନପୁର ଏନ୍ଏଚ୍ ୪୯ ରାସ୍ତାରେ ୧୯ କି.ମି. ଦୀର୍ଘ ଏବଂ କାଞ୍ଜିପାଣିରୁ ପଣସନସା ଦେଇ ତେଲକୋଇ ରାସ୍ତାରେ ପାଖାପାଖି ୮ କି.ମି. ଜଙ୍ଗଲ ଓ ପାହାଡ଼ ଦେଇ ଯାଇଥିବା ଅଙ୍କାବଙ୍କା ଘାଟି ରାସ୍ତା ଅନେକଙ୍କୁ ଆକୃଷ୍ଟ କରିଥାଏ। ରାସ୍ତାର ପ୍ରଶସ୍ତିକରଣ କାମ ଚାଲିଥିବା ବେଳେ ବିଭିନ୍ନ ସ୍ଥାନରେ ବିଶ୍ରାମ ଘର ସହିତ ୱାଚ୍ ଟାୱାର ଆଦି ନିର୍ମାଣ କଲେ ଏହା ମଶୁରୀ, ଉଟି ଭଳି ବେଶ ପ୍ରସିଦ୍ଧି ଲାଭ କରିପାରିବ ବୋଲି କୁହାଯାଉଛି। ସେହିପରି ଏହି ରାସ୍ତାରେ ଦେଖାଦେଉଥିବା ଝରଣା ଗୁଡ଼ିକର ସୁରକ୍ଷା କରିବା ସହ ସେସବୁର ବିକାଶ କରାଗଲେ ଇକୋ ଟୁରିଜିମ୍‌ର ମାନ୍ୟତା ମିଳିବ ଏବଂ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇପାରିବ। ତେବେ କାଞ୍ଜିପାଣି ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି। ଏହି କାଞ୍ଜିପାଣି ଘାଟି ପାହାଡ଼ରେ ବହୁ ଆଦିବାସୀ ଗ୍ରାମ ରହିଛି। ବିଶେଷ କରି ପୁରାତନ ଜନଜାତି ଜୁଆଙ୍ଗ ଓ ଭୂୟାଁ ସମ୍ପ୍ରଦାୟର ଲୋକ ରହୁଥିବାରୁ ସେମାନଙ୍କ କଳାସଂସ୍କୃତି ତଥା ପରମ୍ପରାକୁ ନେଇ କାଞ୍ଜିପାଣି ଘାଟିର ବିକାଶ କରାଗଲେ ଏହା ଅନ୍ୟ ଅଞ୍ଚଳ ଭଳି ଆଦିବାସୀ ପର୍ଯ୍ୟଟନର ଆଦୃତ୍ତ ଲାଭ କରିପାରିବ। ଏହା ଦ୍ୱାରା ସେମାନଙ୍କ ବିକାଶ ହେବା ସହ ରାସ୍ତା କଡ଼ରେ ଢାବା, ହୋଟେଲ, ରେଷ୍ଟୁରାଣ୍ଟ ଆଦି ଗଢ଼ି ଉଠିବ ବୋଲି ମତ ପ୍ରକାଶ ପାଇଛି।



ଦୁର୍ଗାପୂଜା ଉପଲକ୍ଷେ ଆରଡ଼ି ଆଖଣ୍ଡଳମଣି ପୀଠରେ ମା' ଦୁର୍ଗାଙ୍କ ଗୌରୀ ବେଶ।

## ଗାନ୍ଧୀଜୟନ୍ତୀରେ ପହଞ୍ଚିବ ବ୍ୟାଘ୍ର ସଂରକ୍ଷଣ ସଚେତନତା ରାଲି

ବାରିପଦା ଅଫିସ,୨୯।୯

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାଘ୍ର ସଂରକ୍ଷଣ ଓ ଜୈବ ବିବିଧତା ସଂରକ୍ଷଣ ବାର୍ତ୍ତା ପ୍ରଦାନ ଉଦ୍ଦେଶ୍ୟରେ 'ଇଣ୍ଡିଆ ଫର ଟାଇଗର-ଏକ ରାଲି ଅନ୍ ହ୍ୱିଲ୍ସ' କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଭାରତ ସ୍ୱାଧୀନତାର ୭୫ବର୍ଷ ପାଳନ ଅବସରରେ ଆଜାଦି କା ଅମୃତ ମହୋତ୍ସବ ଉତ୍ସବ ପାଳନର ଅଂଶ ବିଶେଷ ଭାବରେ ସୋମବାର ତେଲଙ୍ଗାନାର ଜଙ୍ଗଲ ମନ୍ତ୍ରୀ ଏ ଇନ୍ଦ୍ରକରଣ ରେଡ୍ଡି ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଛନ୍ତି। ତେଲେଙ୍ଗାନାରୁ ଏହି ରାଲି ବାହାରିଥିବା ବେଳେ ଗାନ୍ଧୀଜୟନ୍ତୀରେ ବାରିପଦା (ଶିମିଳିପାଳ)ରେ ଉଦ୍‌ଯାପିତ ହେବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ୍ ଜଗଜୟାନନ୍ଦ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଶିମିଳିପାଳ ଦକ୍ଷିଣ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା, ଡିଏଫଓ ସନ୍ତୋଷ ଯୋଶୀ, ଏସିଏଫଙ୍କ ସମେତ ବିଭିନ୍ନ ପଦାଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବା ସହିତ ଆସୁଥିବା ରାଲିକୁ ଗାନ୍ଧୀଜୟନ୍ତୀ ଅବ୍ୟବହିତ ପୂର୍ବରୁ ମୟୂରଭଞ୍ଜରେ ଏକ ଶୋଭାଯାତ୍ରାରେ ସ୍ୱାଗତ କରାଯିବ। ଗାନ୍ଧିଜୟନ୍ତୀରେ ବାରିପଦାରେ ଏକ ସାଇକେଲ ଶୋଭାଯାତ୍ରାର କାର୍ଯ୍ୟକ୍ରମ ଥିବା ବେଳେ ଯଶିପୁରରେ ମିନି ମାରାଥନ ଜରିଆରେ ସଚେତନତା କାର୍ଯ୍ୟକ୍ରମ ରହିଛି। ବାରିପଦା ପ୍ରୟାସ ହଲରେ ସଚେତନତା ପାଇଁ ବିଶେଷ କାର୍ଯ୍ୟକ୍ରମର ଆୟୋଜନ ହୋଇଥିବା ସୂଚନାମିଳିଛି।

# 'ଶିଶୁ ପାଇଁ ଦିନଟିଏ'



ବୈଠକରେ ଜିଲାପାଳ ତ୍ରିଲୋଚନ ମାଝି ଓ ଅନ୍ୟ ଅଧିକାରୀ।

ଭଦ୍ରକ ଅଫିସ, ୨୯।୯

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲା ଶିଶୁ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ପାଳନ କରାଯାଇଥିଲା। ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ ଅଧ୍ୟକ୍ଷତା ଏବଂ ଜିଲାପାଳ ତ୍ରିଲୋଚନ ମାଝି ସହ ଅଧ୍ୟକ୍ଷତା କରିଥିଲେ। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡା. ସୁଦର୍ଶନ ବାରିକ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା କମିଟି ସଦସ୍ୟ ତଥା ଅଧ୍ୟକ୍ଷ ଅଶୋକ ନାୟକ, ଭଦ୍ରକ ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ, ତିହିଡ଼ି ବ୍ଲକ ଅଧ୍ୟକ୍ଷ ବିଦ୍ୟୁତ୍‌ଲତା ନାୟକ, ଭଣ୍ଡାରିପୋଖରୀ ବ୍ଲକ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା, ବାସୁଦେବପୁର ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

ଅନ୍ୟମାନଙ୍କ ମଧରେ ଫେଲୋସିପ୍‌ର ସମ୍ପାଦକ ଏସ୍. ଏମ୍ ଫାରୁକ, ନିର୍ଦ୍ଦେଶକ ଲଳାଟେନ୍ଦୁ ମହାନ୍ତି, ଡିଏସ୍‌ପି ଏଚ୍‌ଆର୍‌ପିସି ସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଶ୍ରମ ଅଧିକାରୀ, ଜିଲା ଶିକ୍ଷାଧିକାରୀ, ଚାଇଲ୍ଡ ଲାଇନର ନିର୍ଦ୍ଦେଶିକା ସୋଫିଆ ସେଖ୍, ସବ୍‌ସେଣ୍ଟର ନିର୍ଦ୍ଦେଶକ ଦେବବ୍ରତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜିଲାପାଳ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ରାଉତ ପଞ୍ଚାୟତ, ବ୍ଲକ ଓ ଜିଲାସ୍ତରରେ ଥିବା କମିଟିରେ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ସ୍ୱାଗତିକା ବାରିକ, ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଧୀରଜ ବାରିକ, ଚିନ୍ମୟ ପଣ୍ଡା ଓ ଆସିୟାନା ସଂଯୋଜକ ରିଆଜ୍ ଅହମ୍ମଦ ଏଥିରେ ଅଂଶ ଗ୍ରହଣ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଲାଞ୍ଚ କାରବାର ମାମଲା
## କିରାଣିଙ୍କୁ ବର୍ଷେ କାରାଦଣ୍ଡ

ବାରିପଦା ଅଫିସ,୨୯।୯

ମୟୂରଭଞ୍ଜ ଜିଲା ବାରିପଦା ଭିଜିଲାନ୍ସ କୋର୍ଟରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣବ କୁମାର ପାତ୍ର ଏକ ଲାଞ୍ଚ କାରବାର ମାମଲାର ବିଚାର କରି ଅଭିଯୁକ୍ତ ଅଶୋକ କୁମାର ମହାନ୍ତିଙ୍କୁ ବର୍ଷେ କାରାଦଣ୍ଡ ଶୁଣାଣି କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଆଦାୟ ପାଇଁ ଉଲ୍ଲେଖ ରହିଛି। ଏକ ବିଦ୍ୟାଳୟରେ କାର୍ଯ୍ୟରତ ରେଷେୟାଙ୍କ ବର୍ଦ୍ଧିତ ଦରମା ବିଲ୍ କରିବା ପାଇଁ ତତ୍କାଳୀନ କିରାଣି ଅଶୋକ ୯ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଆବେଦନକାରୀ ପ୍ରଥମ ପର୍ଯ୍ୟାୟରେ ୫ହଜାର ଟଙ୍କା ଦେଇ ଅବଶିଷ୍ଟ ପରେ ଦେବେ ବୋଲି କହିଥିଲେ। ଏନେଇ ସେ ୨୦୧୨ ଏପ୍ରିଲ ୨୪ରେ ବାଲେଶ୍ୱର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ଅଶୋକ ଅବଶିଷ୍ଟ ୪ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଏନେଇ ମାମଲା (ନଂ.୨୨/୨୦୧୨) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା।

## ୨ ଯୁବକଙ୍କ ମୃତଦେହ ଜବତ

ଯୋଡ଼ା,୨୯।୯(ଡି.ଏନ.ଏ.)

କେନ୍ଦୁଝର ଜିଲାର ଯୋଡ଼ା ଏବଂ ବାମେବାରୀରୁ ୨ ମୃତଦେହ ପୋଲିସ ଜବତ କରି ତଦନ୍ତ ଜାରି ରଖିଛି। ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡ଼ି ହାଇ କ୍ୟାମ୍ପ ବସ୍ତି ଠାରେ ରଞ୍ଜିତ ଗୋପ ନାମକ ଜଣେ ଯୁବକ ମଙ୍ଗଳବାର ଏକ ପ୍ଲାଷ୍ଟିକ ଦଉଡ଼ିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଏ ନେଇ ପୋଲିସକୁ ଖବର ଦେଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୦/୨୦୨୧) ରୁଜୁହୋଇଛି। ସେହିପରି ଯୋଡ଼ାରେ ଜବତ ହୋଇଥିବା ମୃତଦେହ କଷ୍ଟ୍ରାକ୍ଟ କଲୋନୀରେ ରହୁଥିବା ଚିତ୍ତରଞ୍ଜନ ତ୍ରିପାଠୀଙ୍କର। ସେ ଭଡ଼ାଘରେ ରହି ଏକ ମେଡିସିନ ଦୋକାନରେ କାମ କରୁଥିଲେ।

## ଓଡ଼ିଆ ଭାଷାର ସୁରକ୍ଷା ନେଇ ବିଚ୍ଛିନ୍ନାଞ୍ଚଳରେ ଧାରଣା

କେନ୍ଦୁଝର, ୨୯।୯(ସ୍ୱ.ପ୍ର.)

ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ରାଜ୍ୟର ଷଢେଇକଳା ଖରସୁଆଁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଏକ ଗଣଧାରଣା କରାଯାଇଥିଲା। କୋହ୍ଲାଣ ଓଡ଼ିଆ ସମାଜ ପକ୍ଷରୁ ଝାଡ଼ଖଣ୍ଡରେ ଓଡ଼ିଆ ଭାଷା ଶିକ୍ଷାର ସୁରକ୍ଷା ପାଇଁ ଉକ୍ତ ଧାରଣା ଦିଆଯାଇଥିଲା। ଷଢେଇକଳା ନଗରର ଅଧ୍ୟକ୍ଷା ମୀନାକ୍ଷୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଏକ ଦାବିପତ୍ର ମାନ୍ୟବର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆରୁଆ କମଲଙ୍କୁ ଦିଆଯାଇଛି।

ଝାଡ଼ଖଣ୍ଡରେ ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜଭାଷାର ଦର୍ଜା ମିଳିଥିଲେ ସୁଦ୍ଧା ଝାଡ଼ଖଣ୍ଡ ଏକାଡେମୀ ପରିଷଦ ରାଞ୍ଚୀ ପକ୍ଷରୁ ଶିକ୍ଷକ ତାଲିମ ପ୍ରଶିକ୍ଷଣ ପରୀକ୍ଷାରେ ସପ୍ତମ ପେପରରେ ମାତୃଭାଷା ହିନ୍ଦୀ, ବଙ୍ଗଳା ଉର୍ଦ୍ଦୁ ସହିତ ସମସ୍ତ ଆଞ୍ଚଳିକ ଭାଷା ହୋ', ମୁଣ୍ଡାରି, ସାନ୍ତାଳୀ, କୁଡ଼ମାଲୀ ଆଦି ରହିଥିବା ବେଳେ କେବଳ ଓଡ଼ିଆ ଭାଷାକୁ ବାଦ କରାଯାଇଛି ବୋଲି ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମର ସଭାପତି ସରୋଜ ପ୍ରଧାନ ସୂଚନା ଦେଇଛନ୍ତି । ଏହି ଗଣଧାରଣାରେ ଝାଡ଼ଖଣ୍ଡର ପୂର୍ବତନ ମନ୍ତ୍ରୀ ବଡ଼କୁଅଁର ଗଗରାୟ , ପୂର୍ବତନ ବିଧାୟକ ଗୁରୁ ଚରଣ ନାୟକ, ପୂର୍ବତନ ଅଳ୍ପସଂଖ୍ୟକ ଆୟୋଗର ଉପାଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ, ଉତ୍କଳ ଆସୋସିଏଶନ ଜାମସେଦପୁରର ସାଧାରଣ ସଂପାଦକ ତରୁଣ ମହାନ୍ତି , ଗୋଲମୁରୀ ଉତ୍କଳ ସମାଜର ଉପସଭାପତି ଅଶୋକ ସାମନ୍ତ, ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମର ସଭାପତି ସରୋଜ ପ୍ରଧାନ, ଉତ୍କଳ ସମ୍ମିଳନୀ ଷଢେଇକଳା ଖରସୁଆଁ ଜିଲାର ସଭାପତି ହରିଶ୍ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପାଞ୍ଚଶହରୁ ଉର୍ଦ୍ଧ୍ୱ ଓଡ଼ିଆ ମାନେ ଯୋଗ ଦେଇ ନିଜ ପ୍ରତିକ୍ରିୟା ପ୍ରକାଶ କରିଥିଲେ ।

## ବନ୍ଧୁକ ସହ କୁଟୁରା ମାଂସ ଜବତ

**୨ ଶିକାରୀ ଗିରଫ**

ବାରିପଦା ଅଫିସ/ଖୁଣ୍ଟା,୨୯।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ପଶି ଶିକାର କରିବା ଅଭିଯୋଗରେ ୨ ଶିକାରୀଙ୍କୁ ବନ ବିଭାଗ ଗିରଫ କରିଛି। ସେମାନେ ହେଲେ ଉଦଳା ଥାନା କାଶିକୁଣ୍ଡଳ ଅଞ୍ଚଳର ଦୀପୁ ମଲ୍ଲିକ ଓ ସଦରଥାନା ଅଧୀନ ଶରତଚନ୍ଦ୍ରପୁରର ଖେଲା ମାହାଲି। ସେମାନଙ୍କ ନିକଟରୁ ବନ୍ଧୁକ ସହ କୁଟୁରା ମାଂସ ଓ ବାଇକ୍ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ଡୁକୁରା ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ଶିମିଳିପାଳ ଅଭୟାରଣ୍ୟରେ ଶିକାର କରିବା ଉଦ୍ଦେଶ୍ୟରେ ପ୍ରବେଶ କରିଥିବା ଦୀପୁଙ୍କଠାରୁ ଏକ ଦେଶୀ ବନ୍ଧୁକ, ଏକ କଟୁରି, ୧୦୦ ଗ୍ରାମର ବାରୁଦ, ଲୁହା କଣ୍ଟା ଓ ସାଇକେଲ ବଲ୍ ଜବତ କରାଯାଇଥିଲା। ସେହିପରି ବୁଧବାର ସକାଳେ ବାରିପଦା ବନାଞ୍ଚଳର ଗୁଣ୍ଡିହୁଡ଼ି ନିକଟରୁ ବନ ବିଭାଗ ଖେଲାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୩ କି.ଗ୍ରା. କୁଟୁରା ମାଂସ ଓ ବ୍ୟବହୃତ ବାଇକ୍ ଜବତ କରିଥିଲା। ଡୁକୁରା ରେଞ୍ଜ ଅଫିସର ଅନନ୍ତ କୁମାର ଜେନା ଓ ବାରିପଦା ରେଞ୍ଜ ଅଫିସର ଲକ୍ଷ୍ମୀଧର ବେହେରାଙ୍କ ନେତୃତ୍ୱରେ ବନ କର୍ମଚାରୀ ଚଢ଼ାଉ କରିଥିଲେ। ଏ ନେଇ ଉଭୟ ବନାଞ୍ଚଳ କାର୍ଯ୍ୟାଳୟରେ ପୃଥକ୍ ମାମଲା ରୁଜୁ ସହ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଥାଉକି, ପ୍ରତିଦିନ ଅଭୟାରଣ୍ୟକୁ ଶିକାରୀମାନେ ଅବାଧରେ ପ୍ରବେଶ କରି ଶିକାର କରୁଥିବା ବେଳେ ସେମାନଙ୍କ ନିକଟରୁ ଜବତ ହେଉଥିବା ବନ୍ଧୁକ ସମ୍ପର୍କରେ କୌଣସି ତଦନ୍ତ କରାଯାଉ ନାହିଁ। ଫଳରେ ଜିଲା ଓ ପଡ଼ୋଶୀ ରାଜ୍ୟରୁ ଚୋରା ଦେଶୀ ବନ୍ଧୁକ କାରବାର ବୃଦ୍ଧି ପାଇବାରେ ଲାଗିଛି। ବନ ବିଭାଗ ଓ ପୋଲିସର ମିଳିତ ଚଢ଼ାଉ କରାଗଲେ ଅନେକ ଦେଶୀ ବନ୍ଧୁକ ଜବତ ହୋଇପାରିବ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ମତପ୍ରକାଶ କରିଛନ୍ତି।

## ସ୍ଥାୟୀ ନିଯୁକ୍ତି ନ ହେଲେ ଗାନ୍ଧୀ ଜୟନ୍ତୀରୁ ଅସହଯୋଗ

କପ୍ତିପଦା,୨୯।୯(ଡି.ଏନ.ଏ.)

ରାଜ୍ୟରେ କାର୍ଯ୍ୟରତ ଆୟୁଷ ଡାକ୍ତରମାନଙ୍କୁ ଅଦ୍ୟାବଧି ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଇ ନାହିଁ। ସେମାନେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଅଧୀନ ବିଭିନ୍ନ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଛନ୍ତି। ଡାକ୍ତରଖାନାଗୁଡ଼ିକରେ ସେମାନେ ବିଭିନ୍ନ ପ୍ରକାର ସେବା ଯୋଗାଇବା ସହ ସରକାରଙ୍କ ସମସ୍ତ କାର୍ଯ୍ୟରେ ସକ୍ରିୟ ସହଯୋଗ କରୁଛନ୍ତି। ଏହା ସତ୍ତ୍ୱେ ସରକାର ସେମାନଙ୍କୁ ଅଣଦେଖା କରିବା ପରିତାପର ବିଷୟ। ଏହାର ପ୍ରତିବାଦରେ ଗାନ୍ଧୀ ଜୟନ୍ତୀଠାରୁ ଆୟୁଷ ଡାକ୍ତର ସଂଘ ବର୍ହିବିଭାଗ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟରେ ଅସହଯୋଗ କରିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ବୁଧବାର କପ୍ତିପଦା ଆୟୁଷ ଡାକ୍ତର ଦେବାଶିଷ ଆଚାର୍ଯ୍ୟ, ଦେବବ୍ରତ ନାୟକ, ବିଭୁଦତ୍ତ ପାତ୍ର, ଅଜୟ କୁମାର ସଲଙ୍ଗୀ, ସସ୍ମିତା ପାତ୍ର, ସ୍ୱର୍ଣ୍ଣାଞ୍ଜଳି ପଣ୍ଡା, ଦୀପକ ବେହେରା ପ୍ରମୁଖଙ୍କ ନେତୃତ୍ୱରେ ଏକ ଦାବିପତ୍ର ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଆୟୁଷ ଡାକ୍ତରମାନେ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି କରୋନା ମହାମାରୀ ଓ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟରେ ସାମିଲ ହେଉଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ନିୟମିତ କରାଯିବାର ଆଶ୍ୱାସନା ଦିଆଯାଇଥିଲା। ମାତ୍ର ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।



ଆୟୁଷ ଡାକ୍ତରମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଦୁଃଖୀ ପରିବାରକୁ ମିଳୁନି ସହାୟତା

ହାଟଡ଼ିହୀ,୨୯।୯

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ କପୁଣ୍ଡି ଗ୍ରାମର ବୃନ୍ଦାବନ ପଲେଇଙ୍କ ପରିବାର ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି। ସ୍ତ୍ରୀ, ଦୁଇ ବିଧବା ବୋହୂ ଓ ୪ ନାତୁଣି ନାତିଙ୍କୁ ମିଶାଇ ଆଠ ପ୍ରାଣୀ କୁଟୁମ୍ବଙ୍କ ପେଟ ଚିନ୍ତା ଘାରୁଛି ବୟସର ଅପରାହ୍ନରେ ପହଞ୍ଚିଥିବା ବୃନ୍ଦାବନଙ୍କୁ। ଦୁଇ ପୁଅ ଆରପାରିକୁ ଚାଲି ଯିବା ପରେ ତାଙ୍କ ପରିବାର ଉପରେ ଯେମିତି ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। ଚାଲି ବୁଲି ପାରୁ ନ ଥିବା ବୃନ୍ଦାବନ ଓ ତାଙ୍କ ସ୍ତ୍ରୀ ଏବେ ସେମାନଙ୍କ ପରିବାରର ଭବିଷ୍ୟତ ପାଇଁ ସରକାରୀ ସହାୟତାକୁ ଚାହିଁ ରହିଛନ୍ତି। ହେଲେ ସେମାନଙ୍କୁ ନା ମିଳୁଛି ବଦାନ୍ୟତା ନା ସରକାରୀ ବାବୁଙ୍କ ଅନୁକମ୍ପା। ମାଳମାଳ ସରକାରୀ ଯୋଜନା ଅଛି ସତ ହେଲେ ବୃନ୍ଦାବନଙ୍କ ପାଖରେ ସେ ସବୁ ଅପହଞ୍ଚ।

ମୂଲ ମଜୁରୀ ଲାଗି ପେଟ ପୋଷୁଥିବା ବୃନ୍ଦାବନଙ୍କ ଘରଡିହ ସମେତ ୪ ଡେସିମିଲର ଚାଷ ଜମି ଅଛି। ତାଙ୍କ ବଡ଼ ପୁଅ ଉମାକାନ୍ତ(୪୨) ଗତ ୨୦୧୫ ଜୁନ ମାସ ଶେଷ ରଜ ଦିନ ହୃଦ୍‌ଘାତରେ ପ୍ରାଣ ହରାଇଥିବା ବେଳେ ସାନ ପୁଅ ରମାକାନ୍ତ (୩୯) ଚଳିତ ବର୍ଷ ଜୁଲାଇ ମାସରେ କରୋନା ସମୟରେ ଛାତି ଯନ୍ତ୍ରଣାରେ ଆରପାରିକୁ ଚାଲିଗଲେ। ଉମାକାନ୍ତଙ୍କ ସ୍ତ୍ରୀ କାବେରୀ ପଲେଇଙ୍କର ୫ବର୍ଷର ଗୋଟିଏ ପୁଅ ଓ ୪ବର୍ଷର ଝିଅଟିଏ ଅଛି। ସାନ ପୁଅ ରମାକାନ୍ତଙ୍କ ସ୍ତ୍ରୀ କନକଲତାଙ୍କର ୩ ବର୍ଷ ଓ ୨ ବର୍ଷର ଦୁଇଟି ପୁଅ ଅଛନ୍ତି। ସେମାନଙ୍କୁ ଚଳାଇବା ପାଇଁ ବୃଦ୍ଧ ବୃନ୍ଦାବନ ଅସମର୍ଥ ଥିବା ବେଳେ ପରିବାର ବୋଝକୁ ଉଠାଇବା ଭଳି ମାନସିକ ଚାପ ଏବଂ ଦୁଃଖରେ ସେ ଏବେ ମ୍ରିୟମାଣ ହୋଇ ପଡ଼ିଛନ୍ତି। କେବଳ ବଡ଼ ପୁଅ ଉମାକାନ୍ତ ପାଇଥିବା ସରକାରୀ ଆବାସର ଦୁଇ ବଖରା ଘରେ ୮ ପ୍ରାଣୀ ରହୁଛନ୍ତି। ରାଶନ କାର୍ଡରେ ମାସକୁ ୨୦ କିଲୋ ଚାଉଳ ମିଳୁଛି। ସେତିକିରେ ମାସ ସାରା ଚଳି ହେଉନି। ବହୁ ସମୟରେ ସେମାନେ ଭୋକିଲା ବି ରହୁଛନ୍ତି।

ବୃଦ୍ଧ ବୃନ୍ଦାବନ କୁହନ୍ତି, ମୁଁ ଆଉ କେତେ ଦିନ ଏ ସଂସାରରେ ରହିବି। ମୁଁ ଚାଲିଗଲା ପରେ ମୋ ବୋହୂ, ନାତୁଣୀ, ନାତି କେମିତି ବଞ୍ଚିବେ, କେମିତି ଚଳିବେ ଏବଂ କିଏ ସେମାନଙ୍କୁ ସହାୟ ହେବ। ସରକାର ଏବଂ ପ୍ରଶାସନ ଯଦି ଦୟା କରନ୍ତେ ତେବେ ମୋ ପରିବାର ବଞ୍ଚିବାର ରାହା ପାଆନ୍ତେ। ତେବେ ଏହି ଅସହାୟ ପରିବାର ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।



ଭଙ୍ଗା ଘର ଆଗରେ ବୃନ୍ଦାବନ ଓ ତାଙ୍କ ସ୍ତ୍ରୀ।

## କ୍ଷତିପୂରଣ ଦାବିରେ ଗାଁଲୋକଙ୍କ ମେଳି

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଚାକୁଣ୍ଡାପାଳ ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମରେ ବୁଧବାର ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏକ ବଳଦର ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ଘଟଣାସ୍ଥଳରେ ଗ୍ରାମବାସୀଙ୍କ ଉତ୍ତେଜନା ଲାଗିରହିଛି। ସୂଚନା ଅନୁଯାୟୀ ଗ୍ରାମର ପବନ କୁମାର ମହାନ୍ତଙ୍କ ବଳଦଟି ଚରିବା ପାଇଁ ଯାଇଥିବା ବେଳେ ଏକ ଠିକା ସଂସ୍ଥା ତରଫରୁ ମେଗା ଜଳ ପ୍ରକଳ୍ପର ଓଭରହେଡ ପାଣି ଟାଙ୍କି ନିର୍ମାଣ ସକାଶେ ରଡ଼ କାଟିବା ପାଇଁ ବିପଦସଙ୍କୁଳ ଭାବେ ତାର ଥିବା ଯୋଗୁ ଏଭଳି ଦୁର୍ଘଟଣା ଘଟିଛି।

## ସଂକ୍ଷେପରେ

### ଟ୍ରେନ୍ ଦୁର୍ଘଟଣାରେ ଅଭିନେତା ଗୁଡୁଙ୍କ ମା'ଙ୍କ ମୃତ୍ୟୁ

ପାଟଣା,୨୯।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ ଅଧୀନ ଯମୁନାପଶି ପଞ୍ଚାୟତ ଗୁଡିପୋଖରୀର ଚଳଚ୍ଚିତ୍ର ହାସ୍ୟ ଅଭିନେତା ଗୁଡୁ'ଙ୍କ ମା' ଗୀତାଞ୍ଜଳି ସିଂ(୫୫)ଙ୍କ ବୁଧବାର ସନ୍ଧ୍ୟାରେ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଜଖପୁରା ରେଳ ଷ୍ଟେଶନରେ ଟ୍ରେନ୍‌ରେ କଟି ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗୀତାଞ୍ଜଳି ଓ ତାଙ୍କ ଝିଅ ଭୁବନେଶ୍ୱରରୁ କେନ୍ଦୁଝର ଇଣ୍ଟରସିଟି ଏକ୍ସପ୍ରେସରେ ଫେରୁଥିବା ବେଳେ କୌଣସି କାର୍ଯ୍ୟ ପାଇଁ ଟ୍ରେନ୍‌ରୁ ଓହ୍ଲାଇଥିଲେ। ଟ୍ରେନ୍‌ଟି ଛାଡ଼ିବା ବେଳେ ଗୀତାଞ୍ଜଳି ବଗି ପାହାଚରୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ଉପରେ ଟ୍ରେନ ଚଢ଼ି ଯାଇଥିଲା।

### 'ଯୁବପିଢ଼ିଙ୍କ ଆଦର୍ଶ ଶହୀଦ୍ ଭଗତ ସିଂ'

ଭଦ୍ରକ ଅଫିସ,୨୯।୯-ଭଦ୍ରକ ଜିଲାର ଶହୀଦ୍ ଭଗତ ସେନା ସଙ୍ଗଠନ ପକ୍ଷରୁ ଶହୀଦ୍ ଭଗତ ସିଂଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶହୀଦ ଭଗତ ସିଂ ଯୁବପିଢ଼ି ପାଇଁ ଆଦର୍ଶ ବୋଲି ମତପ୍ରକାଶ ପାଇଥିଲା। ସଙ୍ଗଠନର ସଦସ୍ୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରିଥିଲେ। ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଶ୍ରୀରାମ ମଣ୍ଡପରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଶହୀଦ୍ ଭଗତ ସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର, ଆଇନଜୀବୀ ମନୋଜ ରାୟ, ଅବସରପ୍ରାପ୍ତ ସେନା ଅଧିକାରୀ ରୋହିତ ରାୟ ଏବଂ ଅଶୋକ ଲେଙ୍କା ଅତିଥି ଭାବେ ଯୋଗଦେଇ ଶହୀଦ୍ ଭଗତ ସିଂଙ୍କ ସ୍ମୃତିଚାରଣ କରିଥିଲେ।

### ସ୍ୱଚ୍ଛତା ରଥ ଶୁଭାରମ୍ଭ

ଖଇରା, ୨୯।୯(ଡି.ଏନ.ଏ.)- ଜଳ ଓ ପରିମଳ ବିଭାଗ ଆନୁକୂଲ୍ୟରେ ସ୍ୱଚ୍ଛତା ରଥ ପରିକ୍ରମାକୁ ବିଡିଓ ପର୍ଶୁରାମ ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ପ୍ରତ୍ୟେକ ଘରେ ସକପିଟ ପ୍ରସ୍ତୁତ କରିବା, ପ୍ରତ୍ୟେକ ବିଦ୍ୟାଳୟ ଏବଂ ଅଙ୍ଗନୱାଡିରେ ପାଇଖାନା ନିର୍ମାଣ କରିବା, ବର୍ଜ୍ୟବସ୍ତୁ ପରିଚାଳନା କରିବା ପାଇଁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ରଥ ପରିକ୍ରମା କରିବା ବୋଲି ବିଡିଓ ପଣ୍ଡା ପ୍ରକାଶ କରିଥିଲେ। ସହକାରୀ ଯନ୍ତ୍ରୀ ନିର୍ମଳକାନ୍ତ ପରିଡ଼ା, ଅନ୍ୟତମ ଅଧିକାରୀ ବ୍ରହ୍ମାନନ୍ଦ ଦାସ, ବିଆରସି ବିଭୁ ମହାନ୍ତି, ମୁଖ୍ୟ ତାଲିମଦାତା ଅଜିତ କୁମାର ସାହୁ, ଉଦୟ ଦାସ, ମଣି ବିନ୍ଧାଣି, ସରୋଜ ସେଣ୍ଡ, ରମଚନ୍ଦ୍ର ଖିଲାର, ଚତୁର୍ଭୁଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ଥିରୀକୃତ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଦାବି

ଚମ୍ପୁଆ,୨୯।୯(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଞ୍ଚାୟତର ନିଶାଗଡିଆ ମହିଷିଗୋଠ ସାହିରେ ନିର୍ମାଣ ହେବାକୁଥିବା ଅଙ୍ଗନୱାଡି କେନ୍ଦ୍ରକୁ ଅନ୍ୟତ୍ର କରାଯାଉଥିବାରୁ ବୁଧବାର ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଚମ୍ପୁଆ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସହକାରୀ ଜିଲାପାଳ ଚାରୁଲତା ସିଂଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ମହିଷିଗୋଠ ସାହିରେ ଅଙ୍ଗନୱାଡି ନିର୍ମାଣପାଇଁ ପୂର୍ବରୁ ଦାବି ହୋଇ ଆସୁଥିଲା। ସରକାରଙ୍କ ପକ୍ଷରୁ ଉକ୍ତ ସାହିରେ ଅଙ୍ଗନୱାଡି ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ କେତେଜଣ ଲୋକ ନିର୍ଦ୍ଧାରିତ ସ୍ଥାନରେ ନ କରି ଅନ୍ୟତ୍ର କରୁଛନ୍ତି। ଦୂରତା ଦୃଷ୍ଟିରୁ ପିଲାମାନେ ନିରାପଦରେ ଯିବା ଆସିବା କରିବା ସମ୍ଭବ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ବିଦ୍ୟୁତ କାର୍ଯ୍ୟାଳୟରେ ଗଣ୍ଡଗୋଳ ଘଟଣା
### ଗିରଫ ୨ଲାଇନ ମ୍ୟାନଙ୍କୁ ନିଲମ୍ବନ ନେଇ ଉତ୍ତେଜନା

ବାରିପଦା ଅଫିସ,୨୯।୯-ବାରିପଦା ବାଘଡାରୋଡ ସ୍ଥିତ ଟାଟା ପାୱାର ନର୍ଦ୍ଦନ ବିଦ୍ୟୁତ ବିତରଣ କମ୍ପାନୀ(ଟିପିଏନଓଡିଏଲ)ର ଅଧୀକ୍ଷଣଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ୨୪ତାରିଖରେ ଘଟିଥିବା ଗଣ୍ଡଗୋଳରେ ଟାଉନ ଥାନା ପୋଲିସ ଦ୍ୱାରା ଗିରଫ ୨ଜଣ ଲାଇନମ୍ୟାନଙ୍କୁ ନିଲମ୍ବିତ କରାଯାଇଛି। ଏହି ଘଟଣାକୁ ନେଇ ବୁଧବାର ଅଧୀକ୍ଷଣଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଟାଉନ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ଓଡ଼ିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘର ରାଜ୍ୟ ସଭାପତି ପ୍ରଶାନ୍ତ ମହାପାତ୍ର, ସମ୍ପାଦକ ଅକ୍ଷୟ ତ୍ରିପାଠୀ ଓ ଉପସଭାପତି କୈଳାସ ଚନ୍ଦ୍ର ମହାନ୍ତ ଟିପିଏନଓଡିଏଲର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ଜାରି ରଖିଥିଲେ ହେଁ ରିପୋର୍ଟ ଲେଖା ପର୍ଯ୍ୟନ୍ତ କୌଣସି ସମାଧାନ ପନ୍ଥା ବାହାରି ନାହିଁ।

# ଟ୍ରଲିରେ ସ୍ତ୍ରୀଙ୍କୁ ଡାକ୍ତରଖାନା ନେଲେ ବୃଦ୍ଧ

ବାରିପଦା ଅଫିସ,୨୯।୯


ସ୍ତ୍ରୀଙ୍କୁ ପଲିଥିନ ଘୋଡ଼ାଇ ଟ୍ରଲିରେ ଡାକ୍ତରଖାନା ନେଉଛନ୍ତି ବିଶ୍ୱନାଥ ହାଁସଦା।

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଞ୍ଚଳର ଜଣେ ବୃଦ୍ଧ ତାଙ୍କ ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ପଲିଥିନ ଘୋଡ଼ାଇ ଟ୍ରଲିରେ ଡାକ୍ତରଖାନା ନେବା ଆଣିବା ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାରୁ ପ୍ରକାଶ ଯେ, ଭଣ୍ଡାରୀଶୋଳ ଗ୍ରାମର ବିଶ୍ୱନାଥ ହାଁସଦାଙ୍କ ସ୍ତ୍ରୀ ବୁଧବାର ନିକଟସ୍ଥ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା ବେଳେ ଏକ ଖାଲରେ ପଡ଼ିଯାଇଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ ହେଁ ଡାକ୍ତରଖାନା ନେବାକୁ କୌଣସି

### ମିଳିଲାନି ସହାୟତା

ପଦକ୍ଷେପ ଗ୍ରହଣ ନ କରି ବିଶ୍ୱନାଥଙ୍କୁ ଖବର ଦେଇଥିଲେ। ବିଶ୍ୱନାଥ ସେଠାରେ ପହଞ୍ଚିବା ପରେ ପ୍ରବଳ ବର୍ଷା ହେଉଥିବାରୁ ନିରୁପାୟ ହୋଇ ଏକ ଟ୍ରଲିରେ ପଲିଥିନ ଘୋଡ଼ାଇ ସ୍ତ୍ରୀଙ୍କୁ ନିକଟସ୍ଥ ଏକ ଡାକ୍ତରଖାନା ନେଇଥିଲେ। ତାଙ୍କ ଚିକିତ୍ସା ପରେ ପୁଣି ଅନୁରୂପ ଭାବେ ଘରକୁ ଆଣିଥିଲେ। ଏହି ଅସହାୟ ଦମ୍ପତିଙ୍କୁ କାହାରି ପକ୍ଷରୁ କୌଣସି ସହାୟତା ମିଳି ନ ଥିବା ବେଳେ ଦୁଇପୁଅ ଥିବା ସତ୍ତ୍ୱେ ପଚାରି ନ ଥିବା ବିଶ୍ୱନାଥ କହିଥିଲେ।

# ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ



ମଞ୍ଚାସୀନ ବିଜେଡି ନେତୃବୃନ୍ଦ।

ବାଲିଆପାଳ/ ଲଙ୍ଗଳେଶ୍ୱର,୨୯।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ନାଇକୁଡି ପଞ୍ଚାୟତର ବାଲିଆପାଟିଠାରେ ବିଜେଡିର ମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ ରବୀନ୍ଦ୍ର ଦେଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ଉପସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ସଭାରେ ଅତିଥି ଭାବେ ବିଧାୟକ ନିତ୍ୟାନନ୍ଦ ସାହୁ, ରାଜ୍ୟ ମହିଳା କାର୍ଯ୍ୟକାରିଣୀ ସଭାନେତ୍ରୀ ସୁବାସିନୀ ଜେନା, ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମପ୍ରସାଦ ବେହେରା, ବ୍ଲକ ସଭାପତି ଅନିଲ ମହାନ୍ତି, ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗଦେଇ ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନ୍ୟ ଦଳର ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ରବୀନ୍ଦ୍ର ଦେ, କରୁଣାକର ଧଳ, ଉମାକାନ୍ତ ଚଣ୍ଡ, ଶଙ୍କର୍ଷଣ ଚଣ୍ଡ, ଦୁଷ୍ମନ୍ତ ବେହେରା, ସୁଦାମ ସ୍ୱାଇଁ, ପ୍ରଶାନ୍ତ ଗିରିଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ପରିବାର ବିଜେଡ଼ିରେ ସାମିଲ ହୋଇଥିଲେ। ସରପଞ୍ଚଙ୍କ ପ୍ରତିନିଧି ଭାଗବତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଜିଲାର ଉନ୍ନତି ପ୍ରତି ଧ୍ୟାନ ଦିଅ'

କେନ୍ଦୁଝର, ୨୯।୯ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝରରେ ପଞ୍ଚମ ଜିଲା ପରିଷଦର ଦଶମ ଅଧିବେଶନ ବୁଧବାର ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ରଙ୍କ ଅଧକ୍ଷତାରେ ଦରବାର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଧିବେଶନରେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ, ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ଜିଲାପାଳ ଆଶିଷ ଠାକରେ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲା ପରିଷଦ ଅକ୍ଷା କମଳିନୀ ପାତ୍ର ଏହି ଅଧିବେଶନରେ ଉଦ୍‌ବୋଧନ ଦେଇ କହିଥିଲେ ଯେ କେନ୍ଦୁଝର ଜିଲାର ଉନ୍ନତି କିପରି ଅଧିକ ତ୍ୱରାନ୍ୱିତ ହୋଇପାରିବ, ସେଥିପାଇଁ ସମସ୍ତେ ନିଷ୍ଠାର ସହ କାମ କରିବାକୁ ନିବେଦନ କରିଥିଲେ। ସିଡିଏମଓ ଡ. ଅଶୋକ କୁମାର ଦାଶ ଜିଲାରେ କୋଭିଡ୍ ନିୟନ୍ତ୍ରଣ ପାଇଁ ନିଆଯାଇଥିବା ପଦକ୍ଷେପ, ଟିକାକରଣ ସ୍ଥିତି ସହିତ ସ୍ୱାସ୍ଥ୍ୟ ସେବାର ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ଡିଏମ୍‌ଏଫ୍ ସହାୟତାରେ ରୋଗୀଙ୍କର ସୁବିଧା ନିମନ୍ତେ ପ୍ରଚଳନ କରାଯାଇଥିବା 'ସଞ୍ଜିବନୀ' କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ପ୍ରାଥମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ୫-ଟି ଅନ୍ତର୍ଗତ ରୂପାନ୍ତରିକରଣ କାର୍ଯ୍ୟକ୍ରମରେ ସାମିଲ୍ କରିବା ପ୍ରସ୍ତାବ ଗୃହୀତ ହୋଇଥିଲା।

## ମୁନିଲାଲ ଉଚ୍ଚ ବିଦ୍ୟାଳୟ ୫-ଟିରେ ସାମିଲ

ବୈଶିଙ୍ଗା,୨୯।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଠାରେ ୧୯୬୧ ମସିହାରେ ସ୍ଥାପନ କରାଯାଇଥିଲା ମୁନିଲାଲ ଉଚ୍ଚ ବିଦ୍ୟାଳୟ। ଗତ ୬୦ ବର୍ଷ ଧରି ବହୁ ମେଧାବୀ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉଚ୍ଚ ପଦପଦବୀରେ ଅଳଙ୍କୃତ କରିବାରେ ସଫଳ ହୋଇ ପାରିଛି ଏହି ବିଦ୍ୟାଳୟ। ତେବେ ବୁଧବାର ଏହି ବିଦ୍ୟାଳୟ କୁ ରାଜ୍ୟ ସରକାରଙ୍କ ୫ଟି ବ୍ୟବସ୍ଥାରେ ଅନ୍ତର୍ଗତ କରାଯାଇଥିବା ନେଇ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମୁର୍ମୁଙ୍କୁ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଖବର ପ୍ରସାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି।

## କୋର୍ଟରେ ହେଲା ପଞ୍ଚାୟତ ଭୋଟ ପୁନଃ ଗଣତି

ଖଇରା,୨୯।୯(ଡି.ଏନ.ଏ)

ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ଅନ୍ତର୍ଗତ ୩ଟି ୱାର୍ଡର ଭୋଟ ପୁନର୍ଗଣତି ସୋର କୋର୍ଟ ପରିସରରେ ଜେଏମ୍‌ଏଫସି ସୌମ୍ୟା ସୋନାଲିକା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶେଷ ହୋଇଛି। ଉକ୍ତ ପଞ୍ଚାୟତର ୯,୧୦ ଓ ୧୩ ନମ୍ବର ୱାର୍ଡର ଭୋଟ ପୁନର୍ଗଣତି ହୋଇଥିଲା। ବାଲାଟପେପର ଗୁଡ଼ିକରୁ ଅଧିକାଂଶ ଓଦା ହୋଇଯାଇଥିବାରୁ ଗଣତିରେ ବିଳମ୍ବ ହୋଇଥିଲା । ଉଭୟ ପକ୍ଷର ଓକିଲ କିଛି ବାଲଟପେପରକୁ ନେଇ ଆପତ୍ତି ଉଠାଇବା ପରେ ଏହାକୁ ବିଚାରପତି ଲିପିବଦ୍ଧ କରିଥିଲେ। ଅନ୍ୟ ଏକ ଦିନରେ ବିଚାରପତି ତାଙ୍କର ଚୁଡାନ୍ତ ରାୟ ବା ପୁନଃଗଣତିର ଫଳାଫଳ ଘୋଷଣା କରିବାକୁ ରାୟରେ ପ୍ରକାଶ କରିଥିଲେ । ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ନନ୍ଦୁର ପଞ୍ଚାୟତରେ ସୁରେନ୍ଦ୍ର ନାଥ ନାୟକ ଖଣ୍ଡିଏ ଭୋଟ ବ୍ୟବଧାନରେ ଜୟନ୍ତୀ ପତିଙ୍କୁ ପରାସ୍ତ କରି ସରପଞ୍ଚ ଭାବେ ନିର୍ବାଚତ ହେବା ପରେ ଜୟନ୍ତୀ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଖଇରା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳଙ୍କ ସମେତ ୨ପକ୍ଷର ଓକିଲ ଉପସ୍ଥିତ ଥିଲେ।

# ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କଲେ ଜିଲାପାଳ



ଶୀର୍ଷା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧିକାରୀମାନେ।

ସାରସକଣା, ୨୯।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ବୁଧବାର ସକାଳେ ସାରସକଣା ବ୍ଲକ ଗସ୍ତରେ ଆସି ୫ଟିରେ ଅନ୍ତର୍ଭୁକ୍ତ ହୋଇଥିବା ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପ୍ରଥମେ ସାରସକଣା ବ୍ଲକ ଦକ୍ଷୀଣବାଦି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସାରସକଣା ବ୍ଲକ ଶୀର୍ଷା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗସ୍ତରେ ଆସି ଜିଲାପାଳ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ବିଦ୍ୟାଳୟରେ ଚାଲିଥିବା ନୂତନ ଗୃହ କାର୍ଯ୍ୟ ତଦାରଖ ସମୟରେ ଛାତରୁ ପାଣି ପଡିବା ସହିତ ବିଦ୍ୟାଳୟ ପରିସର ଭିତରୁ ପାଣିର ଡ୍ରେନେଜ ବ୍ୟବସ୍ଥା ନ ଥିବା ଦେଖି ବିରକ୍ତ ହୋଇଥିଲେ। ତା'ସହିତ ବିଦ୍ୟାଳୟର ସମ୍ମୁଖରେ ଥିବା ଠାକୁରଙ୍କ ଘର କବାଟ/ସ୍କ୍ରିନ ଦେଇ ବନ୍ଦ କରି ରଖିବାକୁ ପରାମର୍ଶ ଦେଇଥିଲେ। ପରେ ଯୋକା ସ୍ଥିତ ଯୋକେଶ୍ୱର ଉଚ୍ଚବିଦ୍ୟାଳୟ ସହିତ ଖେରଣା ସ୍ଥିତ ଇଶ୍ୱର ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟରେ ପହଞ୍ଚି ସରକାର ଯେଉଁ ଟଙ୍କା ଦେଇଛନ୍ତି ତାହାକୁ ଉତ୍ତମ ଭାବେ ବିନିଯୋଗ କରିବା ସହିତ ନିମ୍ନମାନର କାର୍ଯ୍ୟ ଦେଖି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିଲେ। ତେବେ ଜିଲାପାଳଙ୍କ ସହିତ ପିଡି ପି. ଅନ୍ୱେଶା ରେଡ୍ଡି, ବିଡିଓ କରୁଣାକର ଧିଣ୍ଡା, ତହସିଲଦାର ସତ୍ୟବାନ ନାୟକଙ୍କ ସମେତ ବିଭିନ୍ନ କର୍ମଚାରୀ ଉପସ୍ଥିତ ଥିଲେ।

## କେନାଲରେ ପଡ଼ି ବୃଦ୍ଧା ମୃତ

ସାରସକଣା,୨୯।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଞ୍ଚଳରେ ବୁଧବାର ଜଣେ ବୃଦ୍ଧା କେନାଲରେ ପଡ଼ିଯିବାରୁ ମୃତ୍ୟୁ ଘଟିଛି। ସେ ହେଲେ ପଣସଡିହା ଗ୍ରାମର ବିନୋଦିନୀ ସାହୁ। ସେ ସକାଳୁ ଶୌଚ ହେବାକୁ ଯାଇ ସୁବର୍ଣ୍ଣରେଖା କେନାଲ ଭିତରକୁ ଖସିପଡ଼ିଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ

ଭଣ୍ଡାରିପୋଖରୀ, ୨୯।୯ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ କଂଗ୍ରେସ କାର୍ଯ୍ୟାଳୟ ରାଜୀବ ଭବନଠାରେ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଜିଲା ସଭାପତି ସୌମ୍ୟରଞ୍ଜନ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ, ଛାତ୍ର କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ବିକ୍ରମ ସେନାପତି, ରାଜ୍ୟ ସମ୍ପାଦକ ସାଦ୍ ସିଦ୍ଦିକ, ବ୍ଲକ କଂଗ୍ରସ ସଭାପତି ରଜନୀକାନ୍ତ ଚନ୍ଦ, ଯୁବ କଂଗ୍ରେସ ନେତା ବିଜୟ ଶଙ୍କର ମହାନ୍ତି, ଛାତ୍ର କଂଗ୍ରେସ ନେତା ରାଜା ଅଭିଷେକ ଜେନା, ସରପଞ୍ଚ ପ୍ରଶାନ୍ତ ସାହୁ, ମନୋଜ ନାୟକ, ଜତୀନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ର କଂଗ୍ରେସ ସାଙ୍ଗଠନିକ ଶକ୍ତିର ଅଭିବୃଦ୍ଧି ସହ ନିଷ୍ଠାର ସହ କାମ କରିବାକୁ ସେମାନେ ପରାମର୍ଶ ଦେଇଥିଲେ।

# ପ୍ରଥମ ଦିନରେ ୪ ରୋଗୀଙ୍କୁ ଦିଆଗଲା ଜଳାତଙ୍କ ପ୍ରତିଷେଧକ ଟିକା

ବାସୁଦେବପୁର,୨୯।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଠାରୁ ଜଳାତଙ୍କ ରୋଗର ପ୍ରତିଷେଧକ ଟିକା ଉପଲବ୍ଧ କରାଯାଇଛି। ପ୍ରତି ସରକାରୀ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୮ ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରୋଗୀଙ୍କୁ ଜଳାତଙ୍କ ଟିକା ମାଗଣାରେ ଡାକ୍ତରଖାନାରେ ପ୍ରଦାନ କରାଯିବ। ଏହି ଜଳାନ୍ତକ ରୋଗ ପ୍ରତିଷେଧକ ଟିକା ପ୍ରଦାନ କାର୍ଯ୍ୟର ପ୍ରଥମ ଦିବସରେ ୪ ଜଣ ରୋଗୀଙ୍କୁ ଟିକା ପ୍ରଦାନ କରାଯାଇଛି। ଏହି ଟିକା ପ୍ରଦାନ ଦିବସରେ ଅତିଥି ଭାବେ ଏମ୍‌ପି ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକ ପ୍ରତିନିଧି ଅସିତ ଦାସ ଯୋଗ ଦେଇଥିବା ବେଳେ ଡାକ୍ତରଖାନାର ମୁଖ୍ୟ ଚିକିତ୍ସକ ଡା. ସୁଶାନ୍ତ ସାମନ୍ତ ମଧ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାସୁଦେବପୁରରେ ଏହି ଟିକା ବ୍ୟବସ୍ଥା କରିବା ପାଇଁ ଦୀର୍ଘଦିନ ଧରି ଲୋକଙ୍କର ଦାବି ହୋଇ ଆସୁଥିଲା। ପ୍ରାୟ ୧ ମାସ ତଳେ ଡାକ୍ତରଖାନାରେ ଆୟୋଜିତ ହୋଇଥିବା ରୋଗୀ କଲ୍ୟାଣ ସମିତି ବୈଠକରେ ଉପସ୍ଥିତ ଥିବା ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଠାରେ ଏନେଇ ଲୋକମାନେ ଏକ ଦାବି ରଖିଥିବା ବେଳେ ଖୁବଶୀଘ୍ର ବାସୁଦେବପୁର ଡାକ୍ତରଖାନାରେ ଜଳାତଙ୍କ ରୋଗ ପ୍ରତିଷେଧକ ଟିକାର ବନ୍ଦୋବସ୍ତ କରାଯିବ ବୋଲି ବିଧାୟକ ରାଉତରାୟ ରୋଗୀ କଲ୍ୟାଣ ସମିତି ବୈଠକରେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

# ବର୍ଷାରେ ଭାଙ୍ଗିଲା ଘର, ପଶିଲା ପାଣି

ହାଟଡିହୀ/କେନ୍ଦୁଝର, ୨୯।୯(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲାର ସଦର ବ୍ଲକ ଏବଂ ହାଟଡିହୀ ବ୍ଲକରେ ଲଗାଣ ବର୍ଷାରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବା ବେଳେ ଘରେ ପାଣି ପଶିଯିବାରୁ ଲୋକେ ହଇରାଣ ହେଉଛନ୍ତି। କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାସଙ୍ଗ ପଞ୍ଚାୟତ ଛେନାପଦି ଗ୍ରାମରେ ନଣ୍ଡା ଯେନା ଏବଂ ବାୟା ଯେନାଙ୍କ ଘର ଭାଙ୍ଗି ମାଟିରେ ମିଶି ଯାଇଛି । ଫଳରେ ଧାନ ଚାଉଳ ଓ ଆସବାବ ପତ୍ର ସମ୍ପୂର୍ଣ ଭାବେ ନଷ୍ଟ ହୋଇ ଯାଇଛି। ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ଗାଁ ଦାଣ୍ଡରେ ପାଣି ଜମି ରହିଛି।


ବର୍ଷା ପାଣି ଘେରରେ ଏକ ଘର।

କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ସହ ପାଣି ନିଷ୍କାସନର ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି। ସେହିପରି ସଦର ବ୍ଲକ ବୋଦାପଳସା ପଞ୍ଚାୟତର ସଦର ପଡ଼ା ଗ୍ରାମରେ ମୀନା ମୁଣ୍ଡାଙ୍କ ଘର କାନ୍ଥ ଧରାଶାୟୀ ହୋଇ ଯାଇଥିବାରୁ ପରିବାର ଲୋକ ବହୁ ଅସୁବିଧାରେ ରହୁଥିବା ଅଭିଯୋଗ ହୋଇଛି। ଘର ସାମଗ୍ରୀ ପାଣିରେ ଭିଜି ନଷ୍ଟ ହୋଇ ଯାଇଥିବା ବେଳେ ସେ ସବୁ ରଖିବା ଓ ମୁଣ୍ଡ ଗୋଞ୍ଜିବାକୁ ଘର ନ ଥିବାରୁ ବହୁ ଅସୁବିଧାରେ ରହୁଛନ୍ତି। ସେହିପରି ଶରତ ମୁଣ୍ଡାଙ୍କ ଘରେ ପାଣି ପଶି ଯାଇଥିବାରୁ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛନ୍ତି। ସେମାନଙ୍କୁ ତୁରନ୍ତ ସହାୟତା ଦେବା ସହ ସରକାରଙ୍କ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# କାର୍ଯ୍ୟରୁ ଅନ୍ତର ନ କରିବାକୁ ଦାବି

ବାରିପଦା ଅଫିସ,୨୯।୯

ମୟୂରଭଞ୍ଜ ଜିଲା କୃଷି ବିଭାଗ ଅଧୀନରେ କାର୍ଯ୍ୟରତ ଡାଟାଏଣ୍ଟ୍ରି ଅପରେଟର ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲା କୃଷି ଅଧିକାରୀଙ୍କ ଜରିଆରେ ରାଜ୍ୟ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ ସମ୍ପୃକ୍ତ ଡାଟାଅପରେଟରମାନଙ୍କୁ କାର୍ଯ୍ୟରୁ ଅନ୍ତର ନ କରିବା ପାଇଁ ଦାବି ହୋଇଛି। ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଏନ୍‌ଇଜିପିଏ ଅଧୀନରେ କାର୍ଯ୍ୟ କରୁଥିବା ଅପରେଟରମାନଙ୍କୁ ଅକ୍ଟୋବର ୧୫ ପରଠାରୁ କାର୍ଯ୍ୟରୁ ଅନ୍ତର କରିବା ନେଇ ଖବର ପାଇବା ପରେ ସେମାନେ ଦୁଶ୍ଚିନ୍ତାରେ ଦିନ ଗଣୁଛନ୍ତି। ୯ମାସ ଧରି କୃଷକଙ୍କ ପାଇଁ ଏନଇଜିପି-ଏ, ବିଜିଆର୍‌ଆଇ, ଟିଆର୍‌ଏଫ୍‌ଏ, ଏନ୍‌ଏଫ୍‌ଏସ୍‌ଏମ୍, ପିଏମ୍ କିଷାନ, ଏଡିଏପିଟି, କାଳିଆ, ବଳରାମ, ଇ-ରୋଗ ପୋକ ପରିଚାଳନା, ଇ-ମେଲ, କୃଷକ ଓଡ଼ିଶା ଡାଟାବେସ୍ ଆଦି ଯୋଜନାର ସମସ୍ତ ଡାଟା ପ୍ରସ୍ତୁତ କରି ଇ-ସେବା ଯୋଗାଇ ଆସୁଛନ୍ତି। ସେହିପରି କରୋନା ସମୟରେ ନିଃସ୍ୱାର୍ଥପର ସେବା ଯୋଗାଇଥିବା ବେଳେ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡ଼ିଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସ୍ୱଳ୍ପ ଦରମାରେ ନିଯୁକ୍ତି ପାଇଥିବା ସାମୟିକ ଡାଟାଏଣ୍ଟ୍ରି ଅପରେଟରମାନଙ୍କୁ ଚାକିରିରୁ ବାହାର କରାଗଲେ ପରିବାର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରିବ। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ, ମୌସୁମୀ ଭୂୟାଁ, ଶାନ୍ତନୁ କୁମାର ଭୋଳ, ମମତା ମହାନ୍ତ, ବିଜୟ ମହାକୁଡ଼, ଅଂଶୁମାନ ଚକ୍ରପାଣି, ଚନ୍ଦ୍ରଶେଖର ପ୍ରଧାନ, ତପନ ସିଂ, ରଜତ ପାତ୍ର ପ୍ରମୁଖ ଦାବି ଜଣାଇଛନ୍ତି।

# ପ୍ରସ୍ତାବିତ ଜଳପ୍ରପାତ ସ୍ଥାନ ବୁଲିଲେ ଓଟିଡିସି ଅଧିକାରୀ

ଖଇରା,୨୯।୯(ଡି.ଏନ.ଏ.)

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ସାଧାରଣ ପରିଚାଳକ ଶାନ୍ତନୁ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଇଞ୍ଜିନିୟରିଂ ଟିମ୍ ମଙ୍ଗଳବାର ଶାରିଶୁଆ ପାହାଡ଼ର ପ୍ରସ୍ତାବିତ ଜଳପ୍ରପାତର ପାରିପାର୍ଶ୍ୱିକ ଅବସ୍ଥା ବୁଲି ଦେଖିଛନ୍ତି । ଖଇରା ତହସିଲଦାରଙ୍କ ସହଯୋଗରେ ନକ୍ସା ଦେଖି ପାଣିଝରର ଉତ୍ପତ୍ତି ସ୍ଥଳ ତତ୍‌ସଂଲଗ୍ନ ଖଣିଗୁଡ଼ିକର ମୌଜା, ତହସିଲ ଇତ୍ୟାଦି ଚିହ୍ନଟ କରାଯାଇଥିଲା। ଜଳପ୍ରପାତକୁ ସୁରକ୍ଷିତ ରଖିବା ସହ ତତସଂଲଗ୍ନ ଖଣି ଖୋଳା ଉପରେ ନଜର ରଖିବାକୁ ନେଇ ରାଜସ୍ୱ ବିଭାଗ ସହ ଆଲୋଚନା କରିଥିଲେ। ପର୍ଯ୍ୟଟନ ନିଗମର ଜିଲା ପରିଚାଳକ ଗଗନ କୁମାର ସାହୁ, ସହକାରୀ ଯନ୍ତ୍ରୀ ସୁଧୀର


ଅଧିକାରୀମାନେ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାନ ବୁଲି ଦେଖୁଛନ୍ତି।

### ଘୋଷଣାକୁ ନେଇ ଖୁସିବ୍ୟକ୍ତ କଲେ ଖଇରାବାସୀ

ମଲ୍ଲିକ, କନିଷ୍ଠଯନ୍ତ୍ରୀ ଲୁଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରକଳ୍ପ ନିର୍ମାଣ ପାଇଁ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ସ୍ଥାନୀୟ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରହୀ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ହେବା ପରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ। ଏଥପାଇଁ ଆନୁମାନିକ ୧କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ୭ତାରିଖରେ ଏହାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅଛି। ଏଭଳି ଘୋଷଣା ପରେ କେବଳ ଖଇରା ନୁହେଁ ଅବିଭକ୍ତ ବାଲେଶ୍ୱର ଜିଲାରେ ଆନନ୍ଦର ଲହରୀ ଖେଳି ଯାଇଛି ।

